

# ଭୁବନେଶ୍ୱର ସିଟି

# ୧୭ ଶହ ବୋତଲ କଫସିରପ୍ ଜବତ; ୨ ଗିରଫ

**ଭୁବନେଶ୍ୱର, ୧୭ ।୧(ସମିସ):**



ରାଜଧାନୀରୁ ପୁଣି କଫ୍‌ସିରପ୍ ଠାବ ହୋଇଛି । ନୂଆପଲ୍ଲୀ ଥାନା କସ୍ତୁରବା ବସ୍‌ଷ୍ଟପ୍‌ରୁ ୧୬୮୦ ବୋତଲ କଫସିରପ ଜବତ ହୋଇଛି । ଏଥିରେ ସମ୍ପୃକ୍ତି ରହିଥିବା ୨ଜଣ ଯୁବକଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ । ଗିରଫ ଅଭିଯୁକ୍ତମାନେ ହେଲେ ମଞ୍ଚେଶ୍ୱର ଥାନା ଗାଡ଼କଣର ଜଗନ୍ନାଥ ଜେନା ଓରଫ ଜଗନ ଓ ସାଲିଆସାହିରର ଅନୀଲ କୁମାର ନାୟକ । ବୁଧବାର ସକାଳୁ କୋଲକାତାରୁ ବସ୍‌ଯୋଗେ କଫ୍‌ସିରପ ଆସି କସ୍ତୁରବା ବସ୍‌ଷ୍ଟପ୍‌ରେ ଓହ୍ଲାଇଥିଲା । ପେଟି ପେଟି କଫ୍‌ସିରପ ସେଠାରୁ ସାଲିଆସାହି ସ୍ଥିତ ଭଡ଼ା ଘରକୁ ନେବା ପୂର୍ବରୁ ନୂଆପଲ୍ଲୀ ଥାନା ପୁଲିସ ଚଢ଼ଉକରି ଜଗନ ଓ ଅନୀଲକୁ କାବୁ କରିଥିଲା । ପଚରାଉଚରା ପରେ ସେମାନେ ବେଆଇନ ଭାବେ କଫ୍‌ସିରପ ଆଣି ଭୁବନେଶ୍ୱର ସମେତ କଟକ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ବିକ୍ରି କରୁଥିବା ପୁଲିସ ଜାଣିବାକୁ ପାଇଥିଲା । କୋଲକାତାରେ ଥିବା ଏଜେଣ୍ଟ ଏହି କଫ୍‌ସିରପକୁ ବସ୍‌ରେ ପଠାଇଥିଲା । ଦୁଇ ଅଭିଯୁକ୍ତ କଫ୍‌ସିରପ ନେଇ ଘରେ ଗଚ୍ଛିତ ରଖି ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲ୍ଲାକୁ ପଠାଇଥାନ୍ତେ । କିନ୍ତୁ ତା' ପୂର୍ବରୁ ଦୁଇ ଜଗନ ଓ ଅନୀଲକୁ ମାଡ଼ି ବସିବା ସହ କଫ୍‌ସିରପ୍ ଜବତ ହୋଇଥିଲା । ସେଭଳି ଜବତ ହୋଇଥିବା କଫ୍‌ସିରପ୍‌ଗୁଡ଼ିକ (ଉଇନ୍‌ସେରେକ୍ସ) କମ୍ପାନୀର ବୋଲି ସୂଚନା ମିଳିଛି । ସେଗୁଡ଼ିକ କୋଲକାତାରେ ପ୍ରସ୍ତୁତ ହୋଇଥିବା ପ୍ରାଥମିକ ତଦନ୍ତରୁ ପଦାକୁ ଆସୁଛି । ତେଣୁ କମିସନରେଟ୍ ପୁଲିସର ଆଉ ଏକ ଟିମ୍ କୋଲକାତା ଯିବ ବୋଲି ଜୋନ୍-ଏସିପି ଗୌତମ କିଶାନ ସୂଚନା ଦେଇଛନ୍ତି ।

**କୋଲକାତାରୁ ହେଉଛି ଆମଦାନି**

### ୫୦ରେ କିଣି ୧୮୦ରେ ବିକ୍ରି

ଆଇନଗତ ବିକ୍ରି ଥିବା ଏହି କଫ୍‌ସିରପ୍ ଡାକ୍ତରୀ ପ୍ରେସ୍‌କ୍ରିପ୍‌ସନ୍‌ରେ ବିକ୍ରି ହୋଇପାରିବ । କିନ୍ତୁ ବୋତଲ ପିଛା ୫୦ ଟଙ୍କାରେ କିଣି ବେଆଇନ୍ ଭାବେ ୧୮୦ ଟଙ୍କାରେ ବିକ୍ରି କରାଯାଉଥିବା ଜଣାପଡ଼ିଛି । କମ୍ ଟଙ୍କାରେ ନିଶା ଭଲ ହେଉଥିବାରୁ ନିଶାଡ଼ି ଏହାକୁ ପସନ୍ଦ କରୁଛନ୍ତି । ତେଣୁ ଦୁଇ ଯୁବକ କୋଲକାତାରୁ ମାଲ୍ ମଗାଇ ଭୁବନେଶ୍ୱର ଓ ଏହାର ଆଖପାଖ ଜିଲ୍ଲାରେ ବିକ୍ରି କରୁଥିଲେ । କିଛି ଦିନ ତଳେ କଫସିରପ୍ ଆଣି ବିକ୍ରି କରୁଥିବା ସନ୍ଦେହରେ ଚଢ଼ଉ କରାଯାଇଥିଲା । ମାତ୍ର ସେମାନେ ଖସିପଳାଇଥିଲେ । ଏଥର କିନ୍ତୁ କଫସିରପ୍ ନେଇ ଗନ୍ତବ୍ୟ ସ୍ଥଳକୁ ଗଲା ବେଳେ ଚଢ଼ଉ କରି ୨୦ଟି ପେଟି କଫସିରପ୍ ଜବତ କରାଯାଇଛି । ଜବତ ହୋଇଥିବା କଫସିରପ୍ ନମୁନା ସଂଗ୍ରହ କରାଯାଇଛି । ଯାଞ୍ଚ ପାଇଁ କଫ ସିରପ୍‌ର ନମୁନା ଲାବୋରେଟୋରୀ ପଠାଯାଇଛି ।

### ନିର୍ଦ୍ଦିଷ୍ଟ ଡାକ୍ତରଙ୍କୁ ଲେଖିବାର ଅନୁମତି

ଜବତ କରାଯାଇଥିବା କମ୍ପାନୀର କଫସିରପ୍‌ରେ କୋଡେନ୍ ଭାଗ ଅଧିକ ରହିଛି । କୋଡେନ୍ ଭାଗ ଅଧିକ ମିଶୁଥିବାରୁ ଦାମ୍ ବି ଅଧିକ ରହିଛି । ତେଣୁ ଭୁବନେଶ୍ୱରରେ କେୟାର ହସ୍ପିଟାଲ୍ ଜଣେ ବରିଷ୍ଠ ଚିକିତ୍ସକଙ୍କୁ ପ୍ରେସ୍‌କ୍ରିପସନ୍‌ରେ ଏହି ନିର୍ଦ୍ଦିଷ୍ଟ କମ୍ପାନୀର କଫ୍‌ସିରପ୍ ଲେଖିବାକୁ ଅନୁମତି ମିଳିଛି । ଉକ୍ତ ଚିକିତ୍ସକ ହିଁ ନିଜ ପ୍ରେସ୍‌କ୍ରିପସନ୍‌ରେ ରୋଗୀଙ୍କୁ ଏହି କଫ୍‌ସିରପ୍ ସେବନ ଲାଗି ଲେଖିପାରିବେ । ବରିଷ୍ଠ ଚିକିତ୍ସକଙ୍କୁ ଡ୍ରଗ୍ କଣ୍ଟ୍ରୋଲର ଏହି କଫସିରପ୍ ବ୍ୟବହାର ପାଇଁ ରୋଗୀଙ୍କୁ ଦେବାକୁ ଅନୁମତି ଦେଇଥିଲେ । କିନ୍ତୁ ବିଡ଼ମ୍ବନାର କଥା ଯେ, ଏହି କମ୍ପାନୀର କଫସିରପ୍ ଭୁବନେଶ୍ୱର ବିନା କଟକଣାରେ ବିକ୍ରି କରାଯାଉଛି । ଏହା ପଛରେ ଏକ ବଡ଼ଧରଣ ରାକେଟ୍ ଚାଲୁଥିବା ପୁଲିସ ସନ୍ଦେହ କରୁଛି ।

### ଦେଢ଼ବର୍ଷରେ ୬ହଜାର ବୋତଲ ଜବତ

ମଦ, ଗଞ୍ଜେଇ ଓ ବ୍ରାଉନସୁଗର ଭଳି ଅନ୍ୟ ନିଶାଦ୍ରବ୍ୟର ବିକଳ୍ପ ଭାବେ କଫ୍‌ସିରପ୍‌କୁ ଗଣନା କରାଯାଉଛି । ଭରତପୁରରୁ ବଡ଼ଗଡ଼; ଖଣ୍ଡଗିରିରୁ ଚନ୍ଦ୍ରଶେଖରପୁର ଥାନା ଯାଏଁ କଫସିରପ୍ କାରବାର ଚାଲୁଛି । ଗଲା ଦେଢ଼ବର୍ଷରେ ରାଜଧାନୀରୁ ୬ହଜାର ବୋତଲ କଫ୍‌ସିରପ ଜବତ ହୋଇଛି । ଏପରିକି ନିଶା ବଢ଼ାଇବା ଲାଗି ସେଥିରେ ଏନ୍-୧୦ ନିଶା ଟାବଲେଟ୍ ମିଶା ଯାଉଛି । ପରେ ବୋତଲ ପିଛା ୧୪୦ରୁ ୧୬୦ ଟଙ୍କାରେ ବିକ୍ରି କରାଯାଉଛି ।

### ଫୋକସ୍‌ରେ 'ପଶ୍ଚିମ ଓଡ଼ିଶା'

ଉପକୂଳରୁ ପଶ୍ଚିମ ଓଡ଼ିଶାରୁ ଯାଏଁ ଲମ୍ବିଛି କଫ୍‌ସିରପ୍ କାରବାରର ଲମ୍ବା ଚେର୍ । କୋଲକାତା, ଅହମ୍ମଦାବାଦ, ଛତିଶଗଡ଼, ରାଞ୍ଚି, କର୍ଣ୍ଣାଟକ, ହରିୟାଣା ଓ ହିମାଚଳପ୍ରଦେଶ ଭଳି ରାଜ୍ୟରୁ ଓଡ଼ିଶାକୁ ଆସୁଛି କଫସିରପ୍ । ପରେ ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ପାଟଣାଗଡ଼, ଝାରସୁଗଡ଼ା ଭଳି ଜିଲ୍ଲାକୁ ଚାଲାଣ କରାଯାଉଛି । କେବଳ ପଶ୍ଚିମ ଓଡ଼ିଶା ନୁହେଁ ପୁରୀ, ନୟାଗଡ଼, କଟକ ଓ ଭୁବନେଶ୍ୱରରେ ଭଳି ଜିଲ୍ଲାରେ ମଧ୍ୟ କଫ୍‌ସିରପ୍‌ର ଚାହିଦା ରହିଛି ।

### ଅବକାରୀ ପଞ୍ଝାରେ ହଜାରେ ଲିଟର

ଗତ ୩ବର୍ଷରେ ୧ହଜାର ଲିଟର କଫ୍‌ସିରପ୍ ଜବତ କରିଛି ଅବକାରୀ ବିଭାଗ । ୨୦୨୦ ମସିହାରେ ୫ ଲିଟର, ୨୦୨୧ରେ ୬୩୦ ଲିଟର ଓ ଚଳିତବର୍ଷ ୩୨୦ ଲିଟର କଫ୍‌ସିରପ ଜବତ ହୋଇଛି । ଗତବର୍ଷ ବଡ଼ଗଡ଼ ଥାନା ଅଞ୍ଚଳରୁ ୨୬.୫୦୦ ବୋତଲ କଫ୍‌ସିରପ୍, ମଧୁପାଟଣା ଥାନା ୩୧୫୦, ଏସ୍‌ଟିଏଫ୍ ୨୫୬୦ ବୋତଲ, ଓ ମର୍କତନଗର ଥାନା ୧ହଜାରରୁ ଅଧିକ ବୋତଲ କଫ୍‌ସିରପ ଜବତ କରିଥିଲା । ସେଭଳି ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଭୁବନେଶ୍ୱରରୁ୨୧୦୦ବୋତଲକଫ୍‌ସିରପ୍‌ଠାବକରିଥିଲା ।

● ବିଶ୍ୱଜିତ ହତ୍ୟା ମାମଲା

# ରିମାଣ୍ଡରେ ଆସିବ ଲେଡି କିଲର୍ ସିନ୍ ରି-କ୍ରିଏସନ୍ କରିବ ପୁଲିସ

**ଭୁବନେଶ୍ୱର, ୧୭ ।୧(ସମିସ):** ବ୍ୟବସାୟୀ ବିଶ୍ୱଜିତ ନାୟକ ହତ୍ୟାରେ ସମ୍ପୃକ୍ତି ରହିଥିବା ଲେଡି କିଲର୍ ସୁଙ୍କି ରଣାଙ୍କୁ ରିମାଣ୍ଡରେ ଆଣିବ କମିସନରେଟ୍ ପୁଲିସ । ସୁଙ୍କିକୁ ରିମାଣ୍ଡରେ ଆଣି ସିନ୍ ରି-କ୍ରିଏସନ୍ କରିବ । ଅଧିକରୁ ଅଧିକ ପ୍ରମାଣ ଯୋଗାଡ଼ ଲାଗି ସୁଙ୍କିକୁ ରିମାଣ୍ଡରେ ଆଣି ଜେରା କରାଯିବ ପୁଲିସ । ସୂଚନାଯୋଗ୍ୟ ଯେ, ୨୦୦୫ ମସିହାରେ ନିଜ ଯାଆ ଓ ଦେଢ଼ମାସର ଝିଆରୀକୁ ହତ୍ୟା କରି ୧୨ ବର୍ଷ ସଜା କାଟିଥିଲା ସୁଙ୍କି । ଜେଲରୁ ମୁକୁଳିବା ପରେ ସେ ସିଧା ପୁରୀ ପଳାଇ ଏକ ସେବାଶ୍ରମରେ ରହୁଥିଲା । ଉକ୍ତ ଆଶ୍ରମକୁ ମୃତ ବିଶ୍ୱଜିତ ଯାଉଥିବାରୁ ସୁଙ୍କିଙ୍କ ସହ ପରିଚିତ ହୋଇଥିଲା । ପରେ ଉଭୟଙ୍କ ସମ୍ପର୍କ ଧୀରେ ଧୀରେ ଘନିଷ୍ଠ ହେବା ସହ ସୁଙ୍କି ବିଶ୍ୱଜିତଙ୍କ ହୀରାପୁର ସ୍ଥିତ ଘରକୁ ଯିବା ଆସିବା ସହ ସେଠାରେ କିଛି ଦିନ ପୁଣି ପୁରୀର ଆଶ୍ରମକୁ ପଳାଉଥିଲେ । ଏଥର କିନ୍ତୁ ସୁଙ୍କିକୁ ଛାଡ଼ିବାକୁ ବିଶ୍ୱଜିତ ରାଜି ନ ଥିବାରୁ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହେଉଥିଲା । ଗତ ୧୨ ତାରିଖରେ ଏକ କାଠ ଫାଳିଆରେ ବିଶ୍ୱଜିତ ମୁଣ୍ଡକୁ ପିଟି ହତ୍ୟା କରିଥିଲେ ସୁଙ୍କି । ବାଲିଅନ୍ତା ଥାନା ପୁଲିସ ତଦନ୍ତ କରି ପୁରୀରୁ ସୁଙ୍କିକୁ ଗିରଫ କରିଥିଲା ।

# ଡେଲିଭରୀ ବୟଙ୍କୁ ଆକ୍ରମଣ କରି ଲୁଟ୍; ଦୁଇ ଗିରଫ

**ଭୁବନେଶ୍ୱର, ୧୭।୧ (ସମିସ):** ଫୁଡ୍ ଡେଲିଭରୀ ବୟଙ୍କୁ ଆକ୍ରମଣ କରି ଲୁଟ୍ ଘଟଣାରେ ଦୁଇଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି ଘାଟିକିଆର ରଞ୍ଜନ କୁମାର ଭୂଜବଳ (୩୫) ଓ ଖଣ୍ଡଗିରି ବାରିର ରାଜେଶ ଦାସ (୩୩) । ପୁଲିସ ସୂଚନା ଅନୁସାରେ, ଘରୋଇ କମ୍ପାନୀରେ ଡେଲିଭେରୀ ବୟ ଭାବେ କାମ କରୁଥିବା କାହ୍ନା ସାହୁ ମଙ୍ଗଳବାର ଖଣ୍ଡଗିରି ବାରିସ୍ଥିତ ଓମ୍‌କାର ରେସିଡେନ୍ସିକୁ ୨ଟି ପାର୍ସଲ ଦେବାକୁ ଯାଇଥିଲେ । ସେହି ସମୟରେ ରଞ୍ଜନ ଓ ରାଜେଶ ତାଙ୍କୁ ଆକ୍ରମଣ କରି



୨ଟି ପାର୍ସଲରେ ଥିବା ୨ଟି ଚିଆଁ ମଞ୍ଜି (ନାଣ୍ଡି ବଗୁଲି) ବୋତଲ ଓ ପକେଟରୁ ଗୋଟିଏ ମୋବାଇଲ ଫୋନ୍ ଲୁଟି ନେଇ ଯାଇଥିଲେ । କାହ୍ନା ଏନେଇ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରିବା ସହ ଆମ୍ରି ହସ୍ପିଟାଲ ନିକଟରେ ଚଢ଼ଉ କରିଥିଲା । ଲୁଟ୍ ମୋବାଇଲ୍ ଫୋନକୁ ବିକ୍ରୟ କରିବା ପାଇଁ ଗ୍ରାହକ ଖୋଜୁଥିବା ସମୟରେ ଦୁଇ ଅଭିଯୁକ୍ତଙ୍କୁ କାବୁ କରି ନେଇଥିଲା ପୁଲିସ । ସେମାନଙ୍କ ହେପାଜତରୁ ୨ଟି ପାର୍ସଲ ଓ ମୋବାଇଲ୍ ଫୋନ ଜବତ କୋର୍ଟ ଚାଲାଣ କରିଛି ପୁଲିସ ।

# ଜଳିଗଲା ୪ ବଖରା, ୨ ଗାଈ ଅର୍ଦ୍ଧଦଗ୍ଧ

**ବାଲିଅନ୍ତା,୧୭ ।୧(ସମିସ):** ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ କାକରୁଦ୍ରପୁର ପଞ୍ଚାୟତ ବାବୁଲି ପରିଡ଼ା ଏବଂ ଗଙ୍ଗାଧର ପରିଡାଙ୍କ ଘରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲାଗି ୪ ବଖରା ଘର ଜଳିଯାଇଛି । ଏହା ସହିତ ନିଆଁହୁଳା ପଡ଼ି ୨ଟି ଗାଈ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି । ଖବର ପାଇ ବାଲିପାଟଣା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନି କାଣ୍ଡରେ ଦୁଇ ପରିବାରର ଲକ୍ଷାଧିକ ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ଘଟିଛି । ବୁଧବାର ସକାଳେ ବିଧାୟକ ଡ.ଅରବିନ୍ଦ ଢ଼ାଲି, ସ୍ଥାନୀୟ ସରପଞ୍ଚ ସସ୍ମିତା ମଲ୍ଲିକ, ଜଗନ୍ନାଥପୁର ରାଜସ୍ୱ ନିରୀକ୍ଷକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେବା ସହିତ ତହସିଲଦାର ବିମଳ କୁମାର ଲେଙ୍କା ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଫୋନ୍ ଯୋଗେ ଜଣାଇଥିଲେ । ଗୋରୁଗାଈଙ୍କ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବାସଗୃହ ଯୋଗାଇ ଦେବାକୁ ଦାବି ହେଉଛି ।



## ନିଶାରେ ଉବୁଟୁବୁ ଯୁବପିଢ଼ି

# ଅସୁରକ୍ଷିତ ରାଜଧାନୀ ଉପକଣ୍ଠ

**ହଂସପାଳ,୧୭।୧(ସମିସ):** ନିଶା ପାଇଁ ହଂସପାଳ ନିକଟବର୍ତ୍ତୀ ଥିବା ଗ୍ରାମଗୁଡ଼ିକରେ ଦିନକୁଦିନ ଚୋରି ଓ ଲୁଟ୍‌ତରାଟ୍ ଆଦି ବୃଦ୍ଧିପାଇବାରେ ଲାଗିଛି । କେତେକ ଯୁବଗୋଷ୍ଠୀ ନିଶା କବଳରେ ପଡ଼ି ଚୋରି, ଡକାୟତି, ଲୁଟ୍‌ତରାଟ୍ କରୁଥିବା ଅଭିଯୋଗ ହେଉଛି । ବିଗତ ଦିନରେ ଗିରଫ ହୋଇଥିବା ଅଧିକାଂଶ ଅପରାଧୀଙ୍କ ରେକର୍ଡକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହେଉଛି । ଫଳରେ ଏହି ଅଞ୍ଚଳରେ ଅବାଧ ନିଶା କାରବାର ଦ୍ୱାରା ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି । କିଛିଦିନ ତଳେ ଦିନ ଦ୍ୱିପହରରେ ପୁରୀ ମୁଖ୍ୟ କେନାଲ ରୋଡ୍ ନିକଟରେ କିଛି ଦୁର୍ବୃତ୍ତ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇ ଚାଲିଯାଇଥିଲେ । ଚେନ୍ ଝାମ୍ପିନେବା ବେଳେ ମହିଳା ଜଣକ ଗାଡ଼ିରୁ ପଡି ଗୁରୁତର ଆହତ ହୋଇଥିଲେ । ପୁଲିସ ଓ ଅବକାରୀ ବିଭାଗ ମୁଖ୍ୟ ନିଶା ବ୍ୟବସାୟୀଙ୍କୁ ଧରିବାରେ ବିଫଳ ହୋଇଛନ୍ତି । କେବଳ ଅବକାରୀ ମାମଲା ରୁଜୁ କରିବା ପାଇଁ ଲୋକ ଦେଖାଣିଆ ଛୋଟ ବ୍ୟବସାୟୀଙ୍କୁ ଗିରଫ କରି ଅଦାଲତ ଚାଲଣ କରୁଛନ୍ତି । ଥାନା ଅଞ୍ଚଳର ହଂସପାଳ, ନହରକଣ୍ଟା, ବାଲିଅନ୍ତା, ବେଣୁପୁର ଅଞ୍ଚଳରେ ମଦ ସହିତ ବ୍ରାଉନସୁଗର ମଧ୍ୟ ଅବାଧ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଫଳରେ ଅଞ୍ଚଳର କଲେଜ ପଢୁଥିବା ଛାତ୍ର ଓ ଯୁବକମାନେ ବ୍ରାଉନସୁଗର ସେବନ କରି ସାରା ଦିନ ନିଶାରେ ବୁଡ଼ି ରହୁଛନ୍ତି । ଅପରପକ୍ଷେ ପୁଲିସ ଓ ଅବଗାରୀ ବିଭାଗର ନିଷ୍କ୍ରିୟତା ଯୋଗୁଁ ଥାନା ଅଞ୍ଚଳରେ ରହିଥିବା ଶିକ୍ଷାନୁଷ୍ଠାନ ନିକଟରେ ନିଶା ବେପାରୀମାନେ ବ୍ରାଉନସୁଗର ବିକ୍ରି କରୁଥିବା ଭଳି ଗୁରୁତର ଅଭିଯୋଗ ମଧ୍ୟ ହେଉଛି । ସ୍ଥାନୀୟ ପୁଲିସ ଗାଁ ଗହଳିରେ ମଦ କାରବାର କରୁଥିବା ଛୋଟଛୋଟ ବ୍ୟବସାୟୀଙ୍କୁ ଧରୁଥିବା ବେଳେ ବ୍ରାଉନସୁଗର ବ୍ୟବସାୟୀମାନେ ବାହାରୁ ଆସି ନିଶା କାରବାର କରୁଛନ୍ତି । ଅଧିକାଂଶ ସ୍ଥାନରେ ନିଶା କାରବାର ସହିତ ଜୁଆଆଡ୍ଡା ଜମୁଛି । ପୁଲିସ ଚଢ଼ଉ କରିବା ପୂର୍ବରୁ ଆଗରୁ ଜୁଆଡ଼ିଙ୍କ ନିକଟରେ ସୂଚନା ପହଞ୍ଚି ଯାଉଛି । ଏହାଯୋଗୁଁ ଜୁଆ ଖେଳି ଅନେକ ଯୁବପିଢ଼ି ସର୍ବସାନ୍ତ ହେଉଛନ୍ତି ।

# ମାଡ଼ମାରି ଚୋରି ଅଭିଯୁକ୍ତକୁ ଛଡ଼ାଇନେଲେ

**ଭୁବନେଶ୍ୱର, ୧୭।୧ (ସମିସ):** ଝରକା ତାଡ଼ି ଘରୁ ସୁନାଗହଣା ଲୁଟିଲା ଯୁବକ । ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା ରୁଜୁ କଲା । ହେଲେ ଚୋରକୁ ଧରି ପାରିଲା ନାହିଁ ପୁଲିସ । ଘଟଣାର ମାସକ ପରେ ଲୋକ ଚୋରି ଅଭିଯୁକ୍ତକୁ ଧରିଲେ । ହେଲେ ସଙ୍ଘବଦ୍ଧ ଆକ୍ରମଣ କରି ଚୋରି ଅଭିଯୁକ୍ତକୁ ଛଡ଼ାଇ ନେଲେ ଲୋକେ । ଏଭଳି ଘଟଣା ଘଟିଛି ଭରତପୁର ଥାନା ଅଧୀନ ପଣ୍ଡାକୁଦିଆ ଅଞ୍ଚଳରେ । ଅଭିଯୋଗ ଅନୁଯାୟୀ, ଗତ ଡିସେମ୍ବର ମାସ ୧୦ ତାରିଖ ରାତିରେ ପଣ୍ଡାକୁଦିଆ ଅଞ୍ଚଳରେ ରହୁଥିବା ସଞ୍ଜୟ ଦାସ ତାଙ୍କ ଘରେ ଶୋଇଥିବା ବେଳେ କିଛି ଯୁବକ ତାଙ୍କ ଝରକା ତାଡ଼ି ଘରେ ପଶିଥିଲେ । ଆଲମିରାରେ ଥିବା ଗୋଟିଏ ସୁନା ମୁଦି, ରୁପା ଚେନ, ମୋବାଇଲ ଫୋନ ଓ ୧୫ ହଜାର ଟଙ୍କା ଚୋରି କରି ନେଇଥିଲେ ।



### ଘର ଛାଡ଼ି ପଳାଇବାକୁ ଦେଲେ ଧମକ

ଚୋରି ହୋଇଥିବା ଜାଣିବା ପରେ ପରଦିନ ସକାଳେ ସଞ୍ଜୟ ଭରତପୁର ଥାନାରେ ଅଭିଯୋଗ କରିଥିଲେ । ଏଥିସହିତ ଚୋର ଚୋରି କରି ଯାଉଥିବାର ସିସିଟିଭି କ୍ୟାମେରା ଫୁଟେଜ୍ ମଧ୍ୟ ଦାଖଲ କରିଥିଲେ । ପୁଲିସ ତାଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କଲା । ହେଲେ ଚୋରକୁ ଠାବ କରିପାରିଲା ନାହିଁ । ଜାନୁୟାରୀ ୧୦ ତାରିଖ ଦିନ ଚୋରି ଅଭିଯୁକ୍ତ ଯୁବକ ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରୁଥିବା ଦେଖି ସଞ୍ଜୟଙ୍କ ପଡ଼ୋଶୀ ତପନ ଓ ବାବୁ ତାକୁ ଠାବ କରିଥିଲେ । ଖବରପାଇ ସଞ୍ଜୟ ମଧ୍ୟ ସେଠାକୁ ଆସି ଯୁବକକୁ ପଚରାଉଚରା କରିଥିଲେ । ହେଲେ କିଛି ସମୟ ପରେ ଯୁବକର ସହଯୋଗୀ ତଥା ସ୍ଥାନୀୟ ଅଞ୍ଚଳର ହାଇଦର, କାଳନ୍ଦୀ, ମାମାଙ୍କ ସମେତ ୪୦ରୁ ଅଧିକ ଲୋକ ସେଠାରେ ପହଞ୍ଚି ତପନ ଓ ବାବୁଙ୍କୁ ଅତର୍କିତ ଆକ୍ରମଣ କରିଥିଲେ ଓ ଅଭିଯୁକ୍ତକୁ ଛଡ଼ାଇ ନେଇଥିଲେ । ଏମିତି କି ପରଦିନ ସକାଳେ ଅଭିଯୁକ୍ତ ଯୁବକଙ୍କ ସହଯୋଗୀ ହାଇଦର ଓ ତାର କିଛି ସହଯୋଗୀ ତପନଙ୍କ ଘର ସାମ୍ନାକୁ ଯାଇ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି । ତପନଙ୍କ ପରିବାର ଲୋକେ ଭୟରେ ଘରୁ ବାହାରି ନ ଥିଲେ । ଶେଷରେ ଘର ବିକି ଚାଲିଯିବାକୁ ହାଇଦର ଓ ତାର ସହଯୋଗୀ ଧମକ୍ ଦେଇଥିଲେ । ଏନେଇ ତପନ ନନ୍ଦ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଛି । ହେଲେ ଏପର୍ଯ୍ୟନ୍ତ ନା ଅଭିଯୁକ୍ତ ଯୁବକକୁ ଠାବ କରିପାରିଛି ନା ତପନ ଓ ବାବୁଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି । ସଙ୍ଘବଦ୍ଧ ଆକ୍ରମଣ କରି ଠାବ ହୋଇଥିବା ଚୋରି ଅଭିଯୁକ୍ତକୁ ଛଡ଼ାଇ ନେବା ଓ ଆକ୍ରମଣକାରୀଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରା ନ ଯିବା କମିସନରେଟ୍ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି । ଏନେଇ ପୁଲିସ କହିଛି, ଲୋକମାନେ ଧରିଥିବା ବା ସେମାନଙ୍କ ଠାରୁ ଛଡ଼ାଇ ନିଆଯାଇଥିବା ଯୁବକ ଜଣକ ଚୋରିରେ ସଂପୃକ୍ତ ଅଛି କି ନାହିଁ ସେନେଇ ତଦନ୍ତ ଚାଲିଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି ।

# ସହର ଭିତରେ ମୁଣ୍ଡ ନେଉଛି ଭାରୀଯାନ

## ଦୁଇବର୍ଷରେ ଦୁର୍ଘଟଣାରେ ଗଲାଣି ୮୭ ଜୀବନ

**ଭୁବନେଶ୍ୱର, ୧୭ ।୧(ସମିସ):**



ଗତ କିଛିଦିନ ତଳେ ଚନ୍ଦ୍ରଶେଖରପୁର ଥାନା ପଟିଆ ଛକରେ ଭାରୀଯାନ ଦୁର୍ଘଟଣାରେ ମହିଳା ସ୍ମୃତିରାଣୀଙ୍କ ମୃତ୍ୟୁ ହୋଇଥିଲା । ସହରରେ ଅଧିକାଂଶ ମୃତ୍ୟୁର କାରଣ ପାଲଟିଛି ଭାରିଯାନ ଦୁର୍ଘଟଣା । ରାତି ୧୦ଟା ପୂର୍ବରୁ ସହରକୁ ଭାରିଯାନ ପ୍ରବେଶ ଉପରେ କଟକଣା ଲଗାଯାଇଛି । ଦିନବେଳା ସହରକୁ ଭାରିଯାନ ପ୍ରବେଶ କଲେ କମିସନରେଟ୍ ପୁଲିସର ଅନୁମତି ଆବଶ୍ୟକ ପଡୁଛି । କିନ୍ତୁ ପରିସ୍ଥିତି ଦେଖିଲେ ଏହା ପୂରା ଓଲଟା । ବିନା ଅନୁମତିରେ ଭାରିଯାନଗୁଡ଼ିକ ସହରକୁ ପ୍ରବେଶ କରୁଛି । ଜୟଦେବ ବିହାର ଠାରୁ ରସୁଲଗଡ଼, କଳ୍ପନା ଛକଠାରୁ ଚନ୍ଦ୍ରଶେଖରପୁର; ସବୁଠି ଏଭଳି ଅବସ୍ଥା ଦେଖିବାକୁ ମିଳୁଛି । ସହର ଭିତରକୁ ଦିନବେଳା ଅନାୟାସରେ ପ୍ରବେଶ କରୁଛି ଭାରିଯାନ । ଗାଡ଼ି ଚାଳକ କଟକଣା ଭୁଲି ସହରକୁ ଭାରିଯାନ ପ୍ରବେଶ କରାଉଛନ୍ତି । ଧରାପଡ଼ିଲେ ହାତଗୁଞ୍ଜା ଦେଇ ଖସିଯାଉଛନ୍ତି । କେବଳ ପରିବା ଓ ତେଜରାତି ଓ ଜରୁରୀ ସାମଗ୍ରୀ ନେଇ ଆସୁଥିବା ଗାଡ଼ିଗୁଡ଼ିକୁ ଛାଡିଦେଲେ ଅନ୍ୟଗାଡ଼ିଗୁଡ଼ିକ ଦିନବେଳା ସହରରେ ପଶିବା ଉପରେ କଟକଣା ଜାରି ହୋଇଛି । ହେଲେ ସକାଳ ଠାରୁ ରାତି ଯାଏଁ ଭାରିଯାନ ସହରକୁ ପ୍ରବେଶ କରୁଛି । ପୁଲିସ ହାବୁଡରେ ପଡ଼ିଗଲେ ବାଟହୁଡି ପଶି ଆସିଛୁ ବୋଲି ପୁଲିସ ଆଗରେ ସଫେଇ ଦେଉଛନ୍ତି ଗାଡ଼ି ଚାଳକ । ମାଲ୍ ଶୀଘ୍ର ପହଞ୍ଚାଇଥିଲେ ଗାଡ଼ି ଚାଳକକୁ ମୋଟାଅଙ୍କର ଅର୍ଥ ମିଳିବା ଆଶାରେ ସହର ଭିତରକୁ ଗାଡ଼ି ଭର୍ତ୍ତି କରୁଛନ୍ତି ଗାଡ଼ି ଚାଳକ । ସେହିପରି ଜନଗହଳିପୂର୍ଣ୍ଣ ଅଞ୍ଚଳଗୁଡିକରେ ଭାରିଯାନ ପ୍ରବେଶ କରୁଥିବାର ଅଭିଯୋଗ ରହିଛି । ଘର କାମ ବେଳେ ବାଲି, ଗୋଡି ବୋଝେଇ ଟ୍ରକ ଏବଂ ବିଭିନ୍ନ ସଂସ୍ଥା ପକ୍ଷରୁ ଭାରିଯାନରେ ଆସୁଥିବା ମାଲ୍ ସହରରେ ଆସୁଛି । ସହରରେ ଭାରିଯାନ ପ୍ରବେଶ ହେତୁ ଦୁର୍ଘଟଣା ହାର ବି ବଢ଼ିଛି । ଅଣଓସାରିଆ ଓ ଖରାପ ରାସ୍ତାରେ ଭାରିଯାନ ପ୍ରବେଶ କରିବା ସହ ଭାରିଯାନ ଚାଳକ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ଘଟିଛି । ଗତ ଦୁଇବର୍ଷରେ ଭାରିଯାନ ଦୁର୍ଘଟଣାରେ ୮୭ଜଣଙ୍କ ଜୀବନ ଯାଇଛି । କେଉଁଠି ଦମ୍ପତିଙ୍କ ମୃତ୍ୟୁ ହେଉଛି ତ ଆଉ କେଉଁଠି କଲେଜ ପଢୁଆ ଛାତ୍ରଙ୍କ ଜୀବନ ଯାଇଛି । ଭାରିଯାନ ଦୁର୍ଘଟଣାରେ ଜୀବନ ଯାଉଥିବା ବେଳେ କମିସନରେଟ ପୁଲିସର ଚେତା ପଶୁନି । ସହରକୁ ବିନା ଅନୁମତିରେ ପ୍ରବେଶ କରୁଥିବା ଭାରିଯାନଗୁଡିକୁ ଜବତ କରିବା ସହ ଜରିମାନା ଆଦାୟ କରାଯାଉଛି । ଏପରିକି ଗାଡ଼ି ଚାଳକଙ୍କ ଲାଇସେନ୍ସ ବାତିଲ କରିବା ଲାଗି ପରିବହନ ବିଭାଗକୁ ଅବଗତ କରାଯାଉଥିବା ପୁଲିସ କହିଛି ।





# ଭକ୍ତ ଦେଖିଲେ ମହାପ୍ରଭୁଙ୍କ ବେଶ, ତିନିରଥ

## ହାଣ୍ଡିକୁଡୁଆ, ପୂଜା ସାମଗ୍ରୀ ଦେଖିଲେ

ପୁରୀ,୧୭।୧(ସମିସ): ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ସମବେତ ହୋଇଥିଲେ ଦେଶବିଦେଶରୁ ଆସିଥିବା ବିଶିଷ୍ଟ ଅତିଥି। ଏଥିସହ ଲକ୍ଷାଧିକ ଭକ୍ତଙ୍କ ବି ସମାଗମ ହୋଇଥିଲା। ତେବେ ଏହି ଦିବ୍ୟ ମୁହୂର୍ତ୍ତରେ ସମସ୍ତଙ୍କୁ ମହାପ୍ରଭୁଙ୍କ ସାନିଧ୍ୟ ପ୍ରଦାନ ପାଇଁ ଦାରୁବିଗ୍ରହଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥବଲ୍ଲଭ ପରିସରକୁ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକମୟ କରାଯାଇଛି। ଏଠାରେ ପ୍ରଦର୍ଶିତ ବିଶ୍ୱନିୟନ୍ତାଙ୍କ ୨୫ବେଶ, ତିନିରଥ ଦେଖିଛନ୍ତି ଭକ୍ତ। ପୁଣି ପରିକ୍ରମା ପ୍ରକଳ୍ପର ମଡେଲ ଦେଖି



ଅଭିଭୂତ ହୋଇଛନ୍ତି। ଏଥିସହ ରୋଷଶାଳାରେ ମହାପ୍ରସାଦ ପ୍ରସ୍ତୁତ ପାଇଁ ବ୍ୟବହୃତ ହାଣ୍ଡି, କୁଡୁଆର ଫଟୋଚିତ୍ର ସହ ତଥ୍ୟାବଳୀ ପ୍ରଦର୍ଶନ କରାଯାଇଥିଲା। ଏହାକୁ ଦେଖି ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ସାଉଣ୍ଟିଥିଲେ ଦେଶବିଦେଶରୁ ଆସିଥିବା ଜଗନ୍ନାଥପ୍ରେମୀ। କେବଳ ବେଶ କି ତିନିରଥ ନୁହେଁ, ମହାପ୍ରଭୁଙ୍କ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ (ଯାହା ଏବେ ବ୍ୟବହାର କରାଯାଉ ନାହିଁ) ମଧ୍ୟ ପ୍ରଦର୍ଶିତ ହେଉଛି। ଏତଦ୍‌ବ୍ୟତୀତ ଭକ୍ତବଳରାମଦାଶ, ଶ୍ରୀଜୟଦେବ, ଶ୍ରୀଚୈତନ୍ୟ, ବନ୍ଧୁ ମହାନ୍ତି, ଦାସିଆ ବାଉରୀଙ୍କ କାହାଣୀ ସହିତ ୨୦୨୦ ଐତିହାସିକ ରଥଯାତ୍ରାର ଫଟୋଚିତ୍ର ବିବରଣୀ ମଧ୍ୟ ସ୍ଥାନ ପାଇଥିବା ବେଳେ ପୁଣି କାଞ୍ଚି ଅଭିଯାନର ସେହି ଚିରସ୍ମରଣୀୟ କିମ୍ବଦନ୍ତୀକୁ ବି ଲେଜର ଶୋ' ମାଧ୍ୟମରେ ଦେଖିଛନ୍ତି ଶ୍ରଦ୍ଧାଳୁ। ବଡ଼ଦାଣ୍ଡରେ ଶୁଭିଛି କଳା, ଧଳା ଘୋଡାର ଟାପୁ। ସେହିପରି ପରିକ୍ରମା ପ୍ରକଳ୍ପ ପରିସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଆକର୍ଷଣୀୟ ଲାଇଟ୍‌ରେ ଛାଇ ଆଲୁଅର ଖେଳ ଦେଖିବାକୁ ପାଇଥିଲେ ଶ୍ରଦ୍ଧାଳୁ।



### ବାଧାମୁକ୍ତ ଦର୍ଶନ କଲେ ଭକ୍ତ

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଭବ୍ୟ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଚାରପତି, ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଏହାସତ୍ତ୍ୱେ ଭକ୍ତଙ୍କ ଦର୍ଶନରେ ଯେପରି କୌଣସି ପ୍ରକାର ଅସୁବିଧା ନ ହୁଏ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା। ଫଳରେ ବୁଧବାର ଲକ୍ଷାଧିକ ଭକ୍ତ ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ସାକ୍ଷୀ ରହିବା ସହ ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଥିଲେ। ସେମାନଙ୍କ ଦର୍ଶନରେ କୌଣସି ପ୍ରକାର ବାଧା ଉପୁଜି ନ ଥିଲା, ବରଂ ଭିଡ଼ ଭିତରେ ବି ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରିଥିବାରୁ ଅନେକ ଶ୍ରଦ୍ଧାଳୁ ଭାବବିହ୍ୱଳ ହୋଇପଡ଼ିଥିଲେ।

### ଫଳକ ସାଜିଥିଲା ପଲକ

ସମସ୍ତଙ୍କ ଅବଦାନ ବଳରେ ଆଜି ବିଶ୍ୱ ଐତିହ୍ୟ ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହୋଇ ସ୍ୱର୍ଣ୍ଣିମ ଇତିହାସ ରଚିଛି। ମୁଖ୍ୟମନ୍ତ୍ରୀ ମେଘନାଦ ପ୍ରାଚୀର ପାଖରେ ଥିବା ପରିକ୍ରମା ଲୋକାର୍ପଣ ଫଳକରୁ ହିଁ ଏହି ବିଶ୍ୱ ଐତିହ୍ୟର ଲୋକାର୍ପଣ କାମ କରିଥିଲେ। ଏହାକୁ ସାରା ବିଶ୍ୱ ଦେଖୁଥିଲା ଦୂରଦର୍ଶନ ମାଧ୍ୟମରେ। ଆଉ ବ୍ୟାରିକେଡ୍ ପାଖରୁ ଶ୍ରୀମନ୍ଦିରକୁ ଆସିଥିବା ଭକ୍ତ ଓ ପର୍ଯ୍ୟଟମାନେ ଏହାକୁ ଦେଖିଥିଲେ। ସୁନ୍ଦର ଓ ମନୋରମ ପରିବେଶ ମଧ୍ୟରେ ଏହା ଲୋକାର୍ପିତ ହୋଇଥିଲା। ପରେ ଲୋକାର୍ପିତ ହେଲା ପରେ ଏହି ପାଖକୁ ଯାଇ ବହୁ ଲୋକ ଫଟୋ ନେଉଥିଲେ। ଏହି ଫଳକ ସହ ସ୍ମୃତିକୁ ସେମାନେ ସାଇତି ରଖୁଥିଲେ।

### ସାଧୁସନ୍ଥଙ୍କ ସମାଗମ

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ଶ୍ରୀକ୍ଷେତ୍ରରେ ସାଧୁସନ୍ଥଙ୍କ ସମାଗଗମ ହୋଇଥିଲା। ବିଭିନ୍ନ ସମ୍ପ୍ରଦାୟର ସାଧୁସନ୍ଥ, ମଠ ମହନ୍ତ ଏବଂ ବ୍ରାହ୍ମଣ ପଣ୍ଡିତଙ୍କ ଉପସ୍ଥିତିରେ ଗରିମାମୟ ହୋଇଉଠିଥିଲା ଶ୍ରୀକ୍ଷେତ୍ର। ଅତିଥିମାନଙ୍କ ସହ ସମସ୍ତେ ମିଶି ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିଥିଲେ। କେବଳ ଓଡ଼ିଶା ନୁହେଁ ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିଲେ ପ୍ରମୁଖ ଦେବପୀଠର ପୂଜକ ଓ କର୍ମକର୍ତ୍ତା, ସାଧୁସନ୍ଥ।

### ମୁଖ୍ୟମନ୍ତ୍ରୀଙ୍କ ଝଲକ ଟିକେ ପାଇଁ...

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ମନ୍ତ୍ରୀ, ଗଜପତି ମହାରାଜ ଓ ଅନ୍ୟ ବରିଷ୍ଠ ଅତିଥିଙ୍କ ସହ ପରିକ୍ରମା ପ୍ରକଳ୍ପର ଚାରିପାର୍ଶ୍ୱ ବୁଲୁଥିଲେ। ହାତ ହଲାଇ ଲୋକଙ୍କ ଅଭିବାଦନ ସ୍ୱୀକାର କରିବା ସାଙ୍ଗକୁ ଲୋକଙ୍କୁ ଦେଉଥିଲେ ନବୀନ ଓଡ଼ିଶାର ନୂଆ ବାର୍ତ୍ତା। ଲୋକେ ତାଙ୍କୁ ଦେଖିବା ପାଇଁ ପାଗଳପ୍ରାୟ ହେଉଥିଲେ। ପାରମ୍ପରିକ ସାହିଯାତ ବି ଜଗିଥିଲା ମୁଖ୍ୟମନ୍ତ୍ରୀ ଆସିବେ ବୋଲି। ସେ ଆସିଲା ପରେ ସେମାନେ ନିଜର ସମର କଳା କୌଶଳ ମଧ୍ୟ ପ୍ରଦର୍ଶନ କରିଥିଲେ। ତାଙ୍କ ସହ ଥିଲେ '୫- ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। କିଏ କହୁଥିଲା ନବୀନ ବାବୁ ମୋ। ପାଇଁ ଭଗବାନ ତ ପୁଣି କିଏ କହୁଥିଲା ସେ ହିଁ ଆଧୁନିକ ଓଡ଼ିଶାର ମଉଡମଣି। ପୂରା ପୁରୀ ଜଗା ଦର୍ଶନ ସହ ତାଙ୍କୁ ଦେଖିବା ପାଇଁ ଯେମିତି ଚାତକ ପରି ଚାହିଁ ବସିଥିଲା। ବ୍ୟାରିକେଡ ବାହାରେ ଲୋକେ ରହି ତାଙ୍କୁ ପ୍ରଣାମ କରୁଥିବା ମଧ୍ୟ ନଜର ଆସିଥିଲେ। ଜଣେ ବୃଦ୍ଧ କହୁଥିଲେ ନବୀନ ମତେ ସବୁ କିଛି ଦେଇଛି। ସେ ହିଁ ତ ଏହି ପରିକ୍ରମା ପ୍ରକଳ୍ପ ବନେଇଛି। ତା' ପାଇଁ ଏ ପୁରୀ ଆଜି ଏତେ ସୁନ୍ଦର ଲାଗୁଛି ବୋଲି ତାଙ୍କୁ ସେ ନିଜ ପୁଅ ସହ ତୁଳନା କରୁଥିଲେ। ସେପଟେ ଓଲିଉଡ ଷ୍ଟାର ଅନୁଭବ ମହାନ୍ତିଙ୍କୁ ଦେଖିବା ପାଇଁ ତାଙ୍କ ପ୍ରଶଂସକ ଭିଡକୁ ଦ୍ୱିଗୁଣିତ କରୁଥିଲେ॥

## ଶ୍ରୀକ୍ଷେତ୍ରର ଶ୍ରୀ ବଢ଼ାଇଲା ରଙ୍ଗତୂଳୀ

ସାମ୍ନାରେ ଶ୍ରୀମନ୍ଦିର। ଆଉ ପରିକ୍ରମା ପରିସର ମଧ୍ୟରେ ଶିଳ୍ପୀ ଧରିଛି ରଙ୍ଗତୂଳୀ। ହାତର ଯାଦୁକରୀ ପ୍ରତିଭା ବଳରେ ଶିଳ୍ପୀ ଆଙ୍କୁଛି ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ଅନେକ ଚିତ୍ର। କାନଭାସ୍‌ରେ ଜୀବନ୍ତ ହେଉଛି ଜଗା। ପ୍ରାୟ ୨୦ଜଣ ଚିତ୍ରଶିଳ୍ପୀ ଏହି ପବିତ୍ର କାର୍ଯ୍ୟରେ ଲାଗିଛନ୍ତି। ସେମାନଙ୍କ ଚିତ୍ର ହିଁ କହୁଛି ଜଗନ୍ନାଥଙ୍କ ଅନେକ ଐତିହ୍ୟ ଓ ସଂସ୍କୃତିର ଗାଥା। ଭକ୍ତ ତାକୁ ଦେଖୁଛି। କ୍ୟାମେରା ରେ ମଧ୍ୟ ତାର ଫଟୋ ଉତ୍ତୋଳନ କରୁଛି। ଜଗନ୍ନାଥଙ୍କ ଜୀବନ୍ତ ଚିତ୍ର ମାଧ୍ୟମରେ ଚିତ୍ରଶିଳ୍ପୀ ପରିକ୍ରମା ପରିସରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରି ପାରୁଛନ୍ତି। ଯାହାକୁ ଦେଖି ଭକ୍ତର ଚକ୍ଷୁ ମଧ୍ୟ ଚକାଡୋଳା ପାଖରେ ଲାଖି ଯାଉଛି। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ଏଭଳି ଏକ ନିଆରା ଚିତ୍ରକଳା ଶିବିର ଆୟୋଜନ କରୁଛି ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଲଳିତ କଳା ଏକାଡେମୀ। ଏଥିରେ ସହଯୋଗୀ ଭାବରେ କାର୍ଯ୍ୟ କରିଛି ଶ୍ରୀ ମନ୍ଦିର ପ୍ରଶାସନ।

ସେପଟେ ଶ୍ରୀକ୍ଷେତ୍ର ପୁରୀ ପୁରା ରଙ୍ଗୀନ ହେବାରେ ହୋଇ ସାରିଛି। କାନ୍ଥ ଗୁଡ଼ିକ ମଧ ମହାପ୍ରଭୁଙ୍କ ପାଇଁ ସଜେଇ ହୋଇ ନିଜକୁ ଧନ୍ୟ ମନେ କରୁଛନ୍ତି। ପୁରୀ ସହରର କାନ୍ଥ ବାଡ଼ ସବୁଠି ଦେଖିବାକୁ ମିଳୁଛି କାରିଗରର ଅଭୁଲା ସ୍ପର୍ଶ। କିଏ ଜଳବାୟୁ ବିଷୟବସ୍ତୁ କୁ ନେଇ ଚିତ୍ର କରିଛି ତ ପୁଣି କାହାର ରଙ୍ଗ ତୂଳୀ ଚିଲିକାର ଗାଥା ଗାଉଛି। ଏହାସହ ଜଗନ୍ନାଥ ସଂସ୍କୃତିର ଝଲକ ମଧ୍ୟ ଦେଖିବାକୁ ମିଳୁଛି କାନ୍ଥରେ।



## ନବୀନଙ୍କ ଆଖି ଛଳଛଳ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସ୍ୱପ୍ନ ଦେଖିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କେବଳ ଶ୍ରୀମନ୍ଦିର ନୁହେଁ, ଫନିରେ ଛାରଖାର ହୋଇଯାଇଥିବା ଶ୍ରୀକ୍ଷେତ୍ର ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ଲାଗି ସେ ଇଚ୍ଛା କରିଥିଲେ। ଏଥିପାଇଁ ରାଜ୍ୟ ସରକାର ନିରବଚ୍ଛିନ୍ନ ଉଦ୍ୟମ କରିଆସିଥିବା ବେଳେ ହାତ ଖୋଲି ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଜି ଯେତେବେଳେ ତାଙ୍କ ସ୍ୱପ୍ନ ସାକାର ହୋଇଛି, ଆଉ ନିଜ ଆଖିରେ ସେ ସବୁ ଦେଖୁଛନ୍ତି ଭାବବିହ୍ୱଳ ହେବା ତ ସ୍ୱାଭାବିକ। ତାହା ବି ଆଜି ପ୍ରତିଫଳିତ ହୋଇଥିଲା ମୁଖ୍ୟମନ୍ତ୍ରୀଙ୍କ ପାଖରେ। ପରିକ୍ରମା ପ୍ରକଳ୍ପ ସ୍ୱପ୍ନ ବାସ୍ତବ ରୂପ ନେଇଥିବାରୁ ଖୁସିରେ ଭିଜିଯାଇଥିଲା ନବୀନଙ୍କ ଆଖି। ଶ୍ରୀମାର୍ଗ ଦେଇ ମୁଖ୍ୟମନ୍ତ୍ରୀ ବ୍ୟାଟେରି ଗାଡ଼ିରେ ଆସି ଯଜ୍ଞମଣ୍ଡପ ନିକଟରେ ପହଞ୍ଚିଥିଲେ। ଠାକୁରଙ୍କୁ ନମସ୍କାର କରି ଲୋକାର୍ପଣ ହେବାକୁ ଥିବା ଫଳକ ପାଖକୁ ଯାଉଥିବା ବେଳେ ତାଙ୍କ ଆଖିରୁ ଝରି ଆସିଥିଲା ଖୁସିର ଲୁହ। ବାମ ହାତରେ ବେଶ୍ ସନ୍ତର୍ପଣରେ ସେ ଆଖିରୁ ଲୁହ ପୋଛି ପକାଇଥିଲେ।

## ମହାପ୍ରଭୁଙ୍କ କାଞ୍ଚିର ଲୀଳା ଉତ୍କଳର ଇତିହାସ ରଚିଲା



ସେଦିନର କାଳିଆ ଠାକୁର ଓ ପୁରୁଷୋତ୍ତମଦେବଙ୍କ କାଞ୍ଚି ଅଭିଯାନକୁ ପୁଣିଥରେ ଶ୍ରଦ୍ଧାଳୁ ଓ ଭକ୍ତ ପରଦାରେ ଦେଖିଛି। ପୁରୁଷୋତ୍ତମ ଦେବ ଓ ପଦ୍ମାବତୀଙ୍କ ପ୍ରେମ ପ୍ରଣୟର କଥା ଓ ଗାଥା ସହ ବଡ଼ଦାଣ୍ଡରେ ଲୋକାର୍ପଣ ଉତ୍ସବରେ ଦେଖିଛି ମାଣିକର ସେ କଉଡ଼ି ଓ ପ୍ରଭୁ ଜଗନ୍ନାଥଙ୍କ ଭକ୍ତ ପ୍ରତି ଥିବା ଭଲ ପାଇବାର ଅପୂର୍ବ ଦୃଶ୍ୟ। ଶ୍ରୀକ୍ଷେତ୍ରରେ ଲେଜର ଲାଇଟ୍ ଶୋ' ମାଧ୍ୟମରେ ଅଗଣିତ ଦର୍ଶକ ଏହାକୁ ସ୍ୱଚକ୍ଷୁରେ ଦେଖି ବିଭୋର ହୋଇଛନ୍ତି। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଏହାକୁ ଦେଖି କାଞ୍ଚି ଅଭିଯାନର କାହାଣୀ ପୁଣିଥରେ ତା' ମନରେ ଗୁଞ୍ଜରିତ ହୋଇ ଉଠିଥିଲା। ଏହାଦେଖି ଦର୍ଶକର ଗାଡ଼ି ମଧ୍ୟ ବଡ଼ ଦାଣ୍ଡରେ ନନ୍ଦିଘୋଷ ରଥ ପରି ଅଟକି ଯାଉଥିଲା। ମୋବାଇଲ ଖୋଲି ଏହାକୁ ସେମାନେ କଏଦ କରିଥିଲେ। ମାଣିକଠୁ ଜଗନ୍ନାଥ ଖାଇଥିବା ସେ ଦହି କଥା ଆଜି ପୁଣିଥରେ ଜୀବନ୍ତ ହୋଇଉଠିଛି। ଲାଗିବ ଜଗା ଦେଇଥିବା ସେ ସ୍ୱର୍ଣ୍ଣମୁଦ୍ରା ଆଜି ବି ପରଦା ମାଧ୍ୟମରେ ମନରେ ଶିହରଣ ଖେଳାଉଛି। ସୋମବାରଠାରୁ ପୁରୀ ପୌର ବଜାରରେ ଔପଚାରିକତା ସହ ଶବ୍ଦ ମାଧ୍ୟମରେ ଏହାକୁ ଏମିତି ଭାବରେ ଉପସ୍ଥାପନା କରାଯାଇଥିଲା, ଯାହା କାଞ୍ଚି ଯୁଦ୍ଧ ସମୟର ସେଇ ଦୃଶ୍ୟକୁ ଅତି ନିଚ୍ଛକ ଭାବରେ ଫୁଟାଉଥିଲା। ଏହାସହ ଦେଶବିଦେଶର ଭକ୍ତ ଜାଣିଥିଲା ମାଣିକର ସେଇ ମାଣିକ ପାଟଣା ଗ୍ରାମର ଅକୁହା କଥା।

ଲାଇଟ୍ ଓ ସାଉଣ୍ଡ ଶୋ ପାଇଁ ପାଖାପାଖି ୧୦ ଟି ଲେଜ୍‌ର ବ୍ୟବହାର ହୋଇଛି ବଡ଼ଦାଣ୍ଡରେ। ସେଥିପାଇଁ ପୁରୀ ପୌରବଜାରରେ ୩ଟି ସ୍ତରରେ ଧଳା ପରଦାର ବ୍ୟବହାର କରାଯାଇଛି। ଲୋକାର୍ପଣଉତ୍ସବବାଆଜିଠୁ ଭକ୍ତ୨୨ତାରିଖ ପର୍ଯ୍ୟନ୍ତ ପରଦାରେ ଦେଖିବ ପୁରୁଷୋତ୍ତମ ଦେବ ଓ ପଦ୍ମାବତୀଙ୍କ ପ୍ରେମ ଓ ପ୍ରଣୟରର ଏ ନିଆରା ଶୋ'। ଶବ୍ଦ ଆଲୁଅରେ କାହାଣୀ ପରଷିବାର ଏହି ନିଆରା ଶୋ'ର କାମ ଶେଷ ହୋଇସାରିଛି। ଭକ୍ତ ଏହାକୁ ଦେଖି ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସହ ଆହୁରି ଜଡ଼ିତ ହୋଇପାରିଛି। ସେମାନେ କାଳିଆ ଠାକୁର ବିଷୟରେ ଅନେକ କଥା ଏହାରି ମାଧ୍ୟମରେ ଜାଣି ପାରିଛନ୍ତି। ଭକ୍ତ ପାଇଁ ଆଜିଠୁ ଏହା ପ୍ରଦର୍ଶିତ ହେଉଛି। ସାଧୁସନ୍ଥ ଏହାକୁ ଦେଖି ଆନନ୍ଦିତ ହୋଇଛନ୍ତି।

## ନିଃସ୍ୱାର୍ଥ ସେବାକୁ ସମ୍ମାନ

ପରିକ୍ରମା ଲୋକାର୍ପଣ ମଞ୍ଚରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲାର ପଟ୍ଟଚିତ୍ର ଶିଳ୍ପୀ ୟୁନିଭର୍ସ ମହାରଣା, ନିର୍ମାଣଶ୍ରମିକ ଲକ୍ଷ୍ମୀ ପ୍ରଧାନ, ମାଳୀ ରାଜୁ ଭୋଇ, ଜେସିବି ଚାଳକ ପ୍ରକାଶ ପ୍ରଧାନ, ପ୍ରସ୍ତରଶିଳ୍ପୀ ରବୀନ୍ଦ୍ର ଗୌଡ଼, ନୟାଗଡ଼ ଓଡ଼ଗାଁର ପ୍ରସ୍ତରଶିଳ୍ପୀ କୀର୍ତ୍ତନ ମହାରଣା, ଖୋର୍ଦ୍ଧା ଚଣ୍ଡେଶ୍ୱରର ରାଜମିସ୍ତ୍ରୀ କବିରାଜ ରାଉତ, ସହାୟକ ସୁକାନ୍ତ ପ୍ରଧାନ, ଭଗବତୀପୁରର ସହାୟକ ବିଲୁ ରାଉତ ଓ ବେଡ଼ପୋଖରୀର ସହାୟକ ରାଜ ପେଣ୍ଟେଇଙ୍କୁ ସମ୍ମାନିତ କରିଛନ୍ତି। ଏମାନଙ୍କ ମଧ୍ୟରୁ କିଏ ସିମେଣ୍ଟ ବାଲିରେ ଗୋଳେଇ ହୋଇଛି ତ ଆଉ କିଏ ପଥରକୁ ଜୀବନ୍ତ ରୂପ ଦେଇଛନ୍ତି। ହାଡ଼ଭଙ୍ଗା ଶୀତରେ ବି ପ୍ରକଳ୍ପରେ ରଖିଛନ୍ତି ଗୁଣ୍ଡୁଚିମୂଷାର ସହଭାଗିତା।



ଏହି ଭବ୍ୟ ଲୋକାର୍ପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାରୁ ନିଜକୁ ଧନ୍ୟ ମନେ କରୁଛି। ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରର ବିକାଶ ନିଶ୍ଚିତ ଏକ ଭଲ ପଦକ୍ଷେପ। ଏଠାକୁ କେବଳ ଓଡ଼ିଶା ନୁହେଁ, ଭାରତ ବର୍ଷରୁ ଭକ୍ତ ଆସୁଛନ୍ତି। ଏଠାରେ ଯେଉଁ ସୁବିଧା କରାଯାଇଛି, ଏହାଦ୍ୱାରା ଭକ୍ତମାନେ ଏକ ଭଲ ଅନୁଭୂତି ନେଇପାରିବେ। ସବୁଠୁ ବଡ଼ କଥା ହେଉଛି, ଏହି ପରିକ୍ରମା ପ୍ରକଳ୍ପ ହେବାର ଥିଲା। କାରଣ ହିନ୍ଦୁଧର୍ମରେ ପରିକ୍ରମା କରିବା ହେଉଛି ଏକ ପ୍ରମୁଖ ଅଂଶ। ପୂଜାର ପରିସମାପ୍ତି ପରେ ପରିକ୍ରମା କରିବାର ବିଧି ରହିଛି। ଜଗନ୍ନାଥ ମନ୍ଦିରର ବିକାଶ ପାଇଁ ମୁଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଣାମ ଜଣାଉଛି।

କୁଶଳ ଚୌଧୁରୀ, କାଳୀ ମନ୍ଦିର, ପଶ୍ଚିମବଙ୍ଗ

ପୂର୍ବରୁ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିଥିଲି। ସେତେବେଳର ସ୍ଥିତି ଏବଂ ବର୍ତ୍ତମାନ ଭିତରେ ଆକାଶ ପାତାଳ ଫରକ ଦେଖୁଛି। ଭାରତର ପ୍ରମୁଖ ମନ୍ଦିର ମଧ୍ୟରୁ ଜଗନ୍ନାଥ ପୁରୀ ଅନ୍ୟତମ। ଏହା ଦେଶର ଚାରିଧାମରୁ ଅନ୍ୟତମ। ଏହାର ବିକାଶ ଆବଶ୍ୟକତା ଥିଲା। ଏହାଦ୍ୱାରା ମନ୍ଦିର ଆହୁରି ସୁନ୍ଦର ଲାଗୁଛି। ଭକ୍ତମାନେ ଖୁସିରେ ମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିପାରିବେ। ଏଠାକାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତର ଜଣେ ଭିନ୍ନ ରାଜନେତା। ତାଙ୍କର ନମ୍ରତା ତାଙ୍କୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଭାବେ ପରିଚୟ ଦେଇଛି। ଶ୍ରୀମନ୍ଦିରର ଏଭଳି ବିକାଶ ପାଇଁ ତାଙ୍କୁ ଧନ୍ୟବାଦ ଜଣାଉଛି।

ଭେଙ୍କଟ ରମଣା, ମଲ୍ଲିକାର୍ଜୁନ ମନ୍ଦିର, ଶ୍ରୀସଇଲମ୍, ଆନ୍ଧ୍ରପ୍ରଦେଶ



# ଭୁବନେଶ୍ୱର ସିଟି

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ସିଧା ପ୍ରସାରଣ

# ଉତ୍କଳ ମଣ୍ଡପରେ ଭକ୍ତିମୟ ପରିବେଶ

**ଭୁବନେଶ୍ୱର, ୧୭।୧(ସମିସ):**

ବିଏମ୍‌ସି ପକ୍ଷରୁ ପୁରୀରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ଭୁବନେଶ୍ୱର ଉତ୍କଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏକାଠି ବସି ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ଲୋକାର୍ପଣ ଉତ୍ସବର ସିଧାପ୍ରସାରଣ ଦେଖିଛନ୍ତି। ବିଏମ୍‌ସି ପକ୍ଷରୁ ଏଥିପାଇଁ ବ୍ୟାପକ ଆୟୋଜନ କରାଯାଇଥିଲା। ଏହାସହ ବିଏମ୍‌ସି ଅଞ୍ଚଳର ୧୦ବଡ ବଡ ଛକରେ ଏଲ୍‌ଇଡି ଦ୍ୱାରା ସିଧା ପ୍ରସାରଣ ପ୍ରଦର୍ଶିତ କରାଯାଇଥିଲା। ସିଧା ପ୍ରସାରଣ ଚାଲିଥିଲା ବେଳେ ଭଜନ ଓ ନୃତ୍ୟରେ

### ବିଭିନ୍ନ ଛକରେ ଲାଗିଲା ୧୦ ଏଲ୍‌ଇଡି

ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ହରିବୋଲ ହୁଳହୁଳି ଓ 'ଜୟ ଜଗନ୍ନାଥ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଉତ୍କଳ ମଣ୍ଡପ। ପୁରୀଠାରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପର ଲୋକାର୍ପଣ କରିଥିଲେ। କୋଟି କୋଟି ଓଡ଼ିଆଙ୍କ ଭାବ ଭକ୍ତିର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥଙ୍କ ସହ ଜଡ଼ିତ ପୁରୀ ସହର ରୂପାନ୍ତରୀକରଣର ଲୋକାର୍ପଣ ଦେଖିବାକୁ ସମସ୍ତଙ୍କ ମନରେ ପ୍ରବଳ ଆଗ୍ରହ ଓ ଉତ୍ସାହ ସୃଷ୍ଟି ହୋଇଥିଲା। ଉତ୍କଳ ମଣ୍ଡପରେ ଭଜନ ସମାରୋହ ଏବଂ ମାହାରୀ, ଓଡ଼ିଶୀ ଓ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ବିଭୁ ପ୍ରସାଦ ଓ ତାଙ୍କ ଟିମ୍ ଭଜନ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ରଙ୍କର ଶ୍ରୀମନ୍ଦିର ପରିକ୍ରମା ଗୀତରେ ଝୁମିଥିଲେ ଉପସ୍ଥିତ ଦର୍ଶକ। ନୃତ୍ୟଗୁରୁ ଶାଶ୍ୱତ ଯୋଶୀଙ୍କ ସହ ଲାସ୍ୟ କଳା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ 'ଚୀର ନମସ୍ୟ' ପ୍ରଦର୍ଶିତ କରାଯାଇଥିଲା। ସେହିପରି ସ୍ୱସ୍ତିଶ୍ରୀ ଗୋଟିପୁଅ ଓ ଓଡ଼ିଶୀ ନୃତ୍ୟ ପରିଷଦ, ରଘୁରାଜପୁରର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଗୋଟି ପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ଜଗନ୍ନାଥଙ୍କର ବିଭିନ୍ନ ବେଶ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଏହି ଅବସରରେ ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ମହିଳା କମିସନ ଅଧ୍ୟକ୍ଷା ମୀନତି ବେହେରା, ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିସନର୍ ବିଜୟ ଅମୃତା କୁଲାଙ୍ଗେ, ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ସମସ୍ତ କର୍ପୋରେଟର ବିଏମ୍‌ସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ୱାର୍ଡରୁ ମହିଳା, ବରିଷ୍ଠ ନାଗରିକ, ଏସ୍‌ଏଚ୍‌ଜି ସଦସ୍ୟ, ବସ୍ତିବାସିନ୍ଦା ସଂଘ, ବରିଷ୍ଠ ନାଗରିକ ସଂଘ, ସ୍ୱେଚ୍ଛାସେବୀ ସଂଗଠନ, ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାରୁ ଏଣିକି ଭକ୍ତମାନେ ଖୁବ୍ ନିକଟରୁ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିପାରିବେ ବୋଲି କହିଥିଲେ ବିଧାୟକ ଶ୍ରୀ ଜେନା କହିଛନ୍ତି। ବିଶ୍ୱ ପ୍ରସିଦ୍ଧ ଧାର୍ମିକ କ୍ଷେତ୍ର ପୁରୀ ସହରର ରୂପାନ୍ତରୀକରଣ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି କହିଥିଲେ ମେୟର ଶ୍ରୀମତୀ ଦାସ। ପୁରୀରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବର ସାମୁହିକ ଅନୁଭବ ଦେବା ପାଇଁ ଏପରି ଆୟୋଜନ କରାଯାଇଛି ବୋଲି ବିଏମ୍‌ସି କମିସନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି।







# ଏକାଠି ଜଳିଲା ୩୦ହଜାର ଦୀପ



**ଭୁବନେଶ୍ୱର, ୧୭।୧(ସମିସ):** ଛାତ୍ରଛାତ୍ରୀ, ଶିକ୍ଷକ ଓ ସାଧୁ ସଜ୍ଜନ ଏକତ୍ରୀତ ହୋଇ ଜାଳିଲେ ପ୍ରାୟ ୩୦ହଜାର ଦୀପ। ଶୈକ୍ଷିକ ପରିବେଶ ଆଧ୍ୟାତ୍ମିକ ପରିବେଶରେ ରୁପାନ୍ତରିତ ହୋଇଥିଲା। ମହାପ୍ରଭୁ ଜଗନ୍ନାଥଙ୍କ ନୀଳଚକ୍ରର ଚିତ୍ର ଚିତ୍ରଣ କରି ପରିବେଶକୁ ଆହୁରି ଭକ୍ତିମୟ କରିଥିଲା। ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନୀ ଉତ୍ସବରେ ସମସ୍ତେ ନିଜକୁ ସାମିଲ କରିଥିଲେ। ଏହାର ମହିମା ଓ ମହତ୍ୱ ବିଷୟରେ ଆଲୋକପାତ କରିଥିଲେ। ସମ୍ପୂର୍ଣ୍ଣ ପରିବେଶ ଭାବ ଓ ଭକ୍ତିମୟ ହୋଇଯାଇଥିଲା। ଡେରାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନୀ ଉତ୍ସବ ପୁରୀରେ ସୃଷ୍ଟ ବାତାବରଣ ଭଳି ଅନୁଭୂତ ହୋଇଥିଲା। ବିକାଶ ବିଦ୍ୟାଳୟ ପରିସରରେ ଘଣ୍ଟ, ଶଙ୍ଖ ତଥା ମୃଦଙ୍ଗର ତାଳେ ତାଳେ ଭାବ ଭକ୍ତି ପୂର୍ବକ ଦୀପ ପ୍ରଜ୍ୱଳନ ଏବଂ ଭଜନ ଜଣାଣର ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। ହରିବୋଲ ହୁଳହୁଳି ପୂର୍ବକ ଜୟ ଜଗନ୍ନାଥ ଧ୍ୱନିର ଗୁଞ୍ଜରଣ କୋଣ ଅନୁକୋଣକୁ ଆଧ୍ୟାତ୍ମିକ ଭାବନା ବିସ୍ତାରିଥିଲା। ଏହି ଅବସରରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ପଦକ୍ଷେପ ପାଇଁ କୃତଜ୍ଞତା ଜଣାଇଥିଲେ। ଏହାସହ ପୁରାତନ ଓଡ଼ିଶାର ଜଗନ୍ନାଥ ସଭ୍ୟତା ଓ ସଂସ୍କୃତିକୁ ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ୍‌ର ପ୍ରଶାସନିକ ନିର୍ଦ୍ଦେଶକ ଭି. ଶ୍ରୀନିବାସ ମୁଖ୍ୟମନ୍ତ୍ରୀଙ୍କ ପୁରୀ ଧାମର ଉନ୍ନତି ପାଇଁ ଦୂରଦୃଷ୍ଟି ସମ୍ପର୍ଣ୍ଣ ଏହି ପ୍ରକଳ୍ପକୁ ବିଶ୍ୱରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଆର. ବିଜୟ କୁମାର, ଡିନ୍ ଏ. ଦିଲୀପ କୁମାର, ବିକାଶ ଗ୍ଲୋବାଲ ବିଦ୍ୟାଳୟର ଅଧ୍ୟକ୍ଷା ବିଜୟାଲକ୍ଷ୍ମୀ ଦାସ, ସମାଜ ସେବୀ ପ୍ରଣବ ସ୍ୱାଇଁ, ଭି. ଶ୍ରୀଦେବୀ ପ୍ରମୁଖଙ୍କ ସମେତ ବହୁ ଛାତ୍ରଛାତ୍ରୀ ଓ ସାଧୁସନ୍ଥ ଉପସ୍ଥିତ ଥିଲେ।

# କଳ୍ପନା ଛକରେ ଲୋକାର୍ପଣ ଉତ୍ସବ



**ଭୁବନେଶ୍ୱର, ୧୭।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଭୁବନେଶ୍ୱରର କଳ୍ପନା ଛକ ନିକଟରେ ଲୋକାର୍ପଣ ଉତ୍ସବ ପାଳିତ ହୋଇଯାଇଛି। ବିଜେଡି ରାଜ୍ୟ ସମ୍ପାଦକ ଅମରେଶ ଜେନାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୨୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ବିଏମ୍‌ସି ପରିମଳ ବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଓଡ଼ିଶା ମୋ ପରିବାର ସହ ସଂଯୋଜକ ରୁଦ୍ର ସାମନ୍ତରାୟ, କର୍ପୋରେଟର୍ ସନ୍ତୋଷ ସିଂ, କେ. ଶାନ୍ତି, ଅଜିତ ବେହେରା, ପୂର୍ବତନ କର୍ପୋରେଟର ଉମାନାଥ ମିଶ୍ର, ନରେନ ସାହୁ, ଚଗଲା ସାହୁ, ରାଜ୍ୟ ସରକାର ଜାଗା ମିଶନ ଉପଦେଷ୍ଟା ଶାଶ୍ୱତି ମିଶ୍ର, ବିଜୁ ଜନତା ଦଳ ମୁଖପାତ୍ର ଇପ୍ସିତା ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ଫାୟାରଷ୍ଟୋନ୍‌ର କଟିଂଏଜ୍ ରୋଡ୍‌ହକ୍ ୨ଜେଡ୍ ଟାୟାର ବଜାରରେ



**ଭୁବନେଶ୍ୱର,୧୭।୧(ସମିସ):** ଫାୟାରଷ୍ଟୋନ ପକ୍ଷରୁ ରୋଡହକ ୨ଜେଡ ପରବର୍ତ୍ତୀ ପୀଢ଼ିର ଟାୟାର ବଜାରକୁ ଛଡାଯାଇଛି। ଏହାକୁ ଉପଯୁକ୍ତ ପ୍ରଯୁକ୍ତି ଜ୍ଞାନ କୌଶଳ ଅନୁସାରେ ପ୍ରସ୍ତୁତ କରାଯାଇଛି। ୫ ବର୍ଷର ୱାରେଣ୍ଟି ସହ ଏହି ଟାୟାରର ତୁଳନାତ୍ମକ କାର୍ଯ୍ୟ ଦକ୍ଷତା, ବର୍ଦ୍ଧିତ ନିରାପତ୍ତା, ଉନ୍ନତ ମାଇଲେଜ୍ ଓ ଉତ୍କୃଷ୍ଟ ବ୍ରେକିଂ କ୍ଷମତା ରହିଛି। ଫାୟାରଷ୍ଟାନ ରୋଡହକ୍ ୨ଜେଡ୍ ଟାୟାର ହ୍ୟାଚ୍‌ବ୍ୟାକ, ସେଦାନ୍ ଓ ସିୟୁଭି ବଜାର ଚାହିଦାକୁ ପୂରଣ କରିବ। ଏହା ୧୨ ରୁ ୧୬ ଇଞ୍ଚ ରିମ୍ କଭରେଜ ସହିତ କାର୍ଯ୍ୟ କରିବ। ଆମେରିକାର ସମ୍ମାନିତ ଟାୟାର ବ୍ରାଣ୍ଡକୁ ପରିଚିତ କରାଇବା ଓ ରୋଡହକ ୨ଜେଡ୍‌କୁ ଆମର ଉତ୍ପାଦ ଅଫରରେ ଅନ୍ତର୍ଭୁକ୍ତ କରିବା ଆମ ପାଇଁ ଗର୍ବର ବିଷୟ। ୧୯୦୦ ମସିହାରୁ ଟାୟାର ଶିଳ୍ପରେ ଫାୟାରଷ୍ଟୋନର ଏକ ସମୃଦ୍ଧ ଭିତ୍ତିଭୂମି ରହିଛି। ଆମେ ନିଶ୍ଚିତ ଯେ ରୋଡ ହକ ୨ ଜେଡ ଗ୍ରାହକ ଓ ଆମର ଚ୍ୟାନେଲ ସହଭାଗୀଙ୍କ ମଧ୍ୟରେ ଉତ୍ତମ ଆଦୃତ ଲାଭ କରିବ ବୋଲି ମୁଖ୍ୟ ବାଣିଜ୍ୟ ଅଧିକାରୀ ଶ୍ରୀ ରାଜଶ୍ରୀ ମୋଇତ୍ର କହିଛନ୍ତି।

# ଛୋଟ ପଶୁଙ୍କ ସତ୍କାର ପାଇଁ ୩ ସ୍ଥାନ ଚିହ୍ନଟ

- ସାଧାରଣ ପ୍ରଶାସନ ବିଭାଗ ଅନୁମତି ମିଳିବା ପରେ କାମ ଆରମ୍ଭ
- ଖୁବ୍‌ଶୀଘ୍ର ବିଏମ୍‌ସି ଟେଣ୍ଡର୍, ୩ ଜୋନ୍ ଲାଗି ୩ ସ୍ୱତନ୍ତ୍ର ଯାନ

**ଭୁବନେଶ୍ୱର, ୧୭।୧(ସମିସ):** ଭୁବନେଶ୍ୱରର ଛୋଟ ପଶୁଙ୍କ ମୃତଦେହ ସତ୍କାର ପାଇଁ ବିଏମ୍‌ସି ପକ୍ଷରୁ ୩ଟି ଜାଗା ଚିହ୍ନଟ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଗୋଟିଏ ସ୍ଥାନରେ ମୃତଦେହ ସତ୍କାର କରାଯିବ। ପରେ ଯଦି ଆବଶ୍ୟକ ପଡ଼େ ତେବେ ଅନ୍ୟ ସ୍ଥାନଗୁଡ଼ିକରେ ମଧ ସତ୍କାର ବ୍ୟବସ୍ଥା କରାଯିବ। ସପ୍ତାହକ ମଧ୍ୟରେ ବିଏମ୍‌ସି ଶ୍ମଶାନ ସ୍ଥାନ ଚୂଡ଼ାନ୍ତ କରି ସାଧାରଣ ପ୍ରଶାସନ ବିଭାଗକୁ ଲ୍ୟାଣ୍ଡ କ୍ଲିଅରାନ୍ସ ଲାଗି ଚିଠି ଲେଖିବ। ଏନେଇ ପୂର୍ବରୁ ବିଏମ୍‌ସି ଅଧିକାରୀଙ୍କ ଜିଏ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସପ୍ତାହକ ମଧ୍ୟରେ ଅନୁମତି ମିଳିବା ପରେ ବିଏମ୍‌ସି ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବ। କମିଶନର୍ ବିଜୟ ଅମୃତା କୁଲାଙ୍ଗେ ସମ୍ପୃକ୍ତ ସ୍ଥାନକୁ ଗସ୍ତକରି ସମୀକ୍ଷା କରିବା ପରେ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଭୁବନେଶ୍ୱରରେ ପ୍ରାୟ ୭୦ ହଜାର ବୁଲାକୁକୁର, ୨୦ହଜାରରୁ ଅଧିକ ବିଲେଇ ଓ ମାଙ୍କଡ଼ ଆଦି ଜୀବଜନ୍ତୁ ଅଛନ୍ତି। ଦୈନିକ ପ୍ରାୟ ୧୦ରୁ ୧୫ ଛୋଟ ଜୀବଜନ୍ତୁଙ୍କ ମୃତ୍ୟୁ ହେଉଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା କରାଯାଇଥିବା ସର୍ଭେରେ ଏହି କଥା ସାମ୍ନାକୁ ଆସିଛି। ଦୈନିକ ୧୦ରୁ ୧୫ ଛୋଟ ଜୀବଜନ୍ତୁଙ୍କ ମୃତ୍ୟୁ ହେଉଥିଲେ ମଧ କେଉଁଠି ତାହା ରାସ୍ତାକଡ଼ରେ ପଡ଼ିରହୁଛି ତ କେଉଁଠି ଡ୍ରେନ୍‌ରେ ଭାସୁଥିବା ନଜରକୁ ଆସିଛି। ଏହିଦୃଶ୍ୟ ସହର ସୌନ୍ଦର୍ଯ୍ୟକରଣକୁ ନଷ୍ଟ କରୁଥିବାବେଳେ ବିଏମ୍‌ସିକୁ ଏବେ ପଶୁ ସତ୍କାର ଚିନ୍ତା ଘାରିଛି। କୁକୁର, ମାଙ୍କଡ଼, ବିଲେଇ ଭଳି ଛୋଟ ଜୀବଜନ୍ତୁଙ୍କ ଲାଗି ବିଏମ୍‌ସି ଆଗକୁ ଏକ ଶ୍ମଶାନ ନିର୍ମାଣ କରିବ ବୋଲି ସୂଚନା ମିଳିଛି। ମୃତ ପଶୁଙ୍କୁ ସତ୍କାର ପାଇଁ ଆଣିବାକୁ ୩ଜୋନରେ ୩ଟି ଯାନ ରହିବ। ଏହାର ପରିଚାଳନା ଟେଣ୍ଡର୍ ଜରିଆରେ ଏକ ଘରୋଇ ସଂସ୍ଥାକୁ ଦିଆଯିବାକୁ ଯୋଜନା ହୋଇଛି। ବିଏମ୍‌ସି କେବଳ ଭିତ୍ତିଭୂମିର ବିକାଶ କରିବ ବାକି ସବୁ ସମ୍ପୃକ୍ତ ଘରୋଇ ସଂସ୍ଥା ବୁଝିବ। ମୁଖ୍ୟକଥା ହେଲା ଉକ୍ତ ସ୍ଥାନରେ ଛୋଟ ଜୀବଜନ୍ତୁଙ୍କ ମୃତଦେହକୁ ପୋଡ଼ି ଦିଆଯିବ। ଏଥିଲାଗି ବିଦ୍ୟୁତ୍ ଚୁଲା ଲଗାଯିବା ଲାଗି ଯୋଜନା ରହିଛି। ଜିଏ ବିଭାଗ ପକ୍ଷରୁ ଲ୍ୟାଣ୍ଡ ମିଳିବା ପରେ ଶ୍ମଶାନର ବିକାଶ ନେଇ ନକ୍ସା ପ୍ରସ୍ତୁତ ହେବ। ଏକ ଘରୋଇ ସଂସ୍ଥାକୁ ଏହାର ବିକାଶ ଦାୟିତ୍ୱ ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

# ୨୦ରୁ ରୋଟାରୀ ଇଣ୍ଟର୍‌ନ୍ୟାସ୍‌ନାଲ ପକ୍ଷରୁ 'ଓଡ଼ିଶୀ' ସମ୍ମିଳନୀ

**ଭୁବନେଶ୍ୱର, ୧୭।୧(ସମିସ):** ରୋଟାରୀ ଇଣ୍ଟରନ୍ୟାସନାଲ ଡିଷ୍ଟ୍ରିକ୍ଟ (ଆର୍‌ଆଇଡି) ୩୨୬୨ ପକ୍ଷରୁ ଚଳିତ ମାସ ୨୦ରୁ ଦୁଇଦିନିଆ 'ଓଡ଼ିଶୀ' ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଏହି ସମ୍ମିଳନୀରେ ରୋଟାରୀ ଇଣ୍ଟରନ୍ୟାସନାଲ ପ୍ରେସିଡେଣ୍ଟ ଗର୍ଡ଼ନ୍ ଆର୍ ମ୍ୟାକିନାଲି ଏବଂ ପତ୍ନୀ ହିଦର ସମ୍ବୋଧିତ କରିବେ। ଏହି କାର୍ଯ୍ୟକ୍ରମରେ ଆର୍‌ଆଇଡି ଗଜେନ୍ଦ୍ର ନାରାଗାଇ ଉପସ୍ଥିତ ରହିବେ। ଏଥିରେ ଅତିଥି ଭାବେ ରୋଟାରୀ ଡିଷ୍ଟ୍ରିକ୍ଟରେ କରାଯାଇଥିବା କାର୍ଯ୍ୟକ୍ରମଗୁଡ଼ିକୁ ବୁଲି ଦେଖିବେ। ଦୀର୍ଘ ୫ବର୍ଷର ବ୍ୟବଧାନ ପରେ ଏହି ସମ୍ମିଳନୀର ପରିଚାଳନା ମହିଳା ଗଭର୍ଣ୍ଣର ରୋଟାରିଆନ୍ ଜୟଶ୍ରୀ ମହାନ୍ତି ଏବଂ ପ୍ରଥମ ଜେଣ୍ଟଲମ୍ୟାନ୍ ରୋଟାରିଆନ୍ ତନ୍ମୟ ମହାନ୍ତି ନେତୃତ୍ୱ ନେବେ।

### 'ସଫା' ଆପ୍‌ରେ କରନ୍ତୁ ଗାଡ଼ି ବୁକିଂ

# ନିର୍ମାଣ ବର୍ଜ୍ୟ ଉଠାଇବ ବିଏମ୍‌ସି

**ଭୁବନେଶ୍ୱର, ୧୭।୧(ସମିସ):** ନିର୍ମାଣ ବର୍ଜ୍ୟ ପରିଚାଳନା ପାଇଁ ବିଏମ୍‌ସି ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା କରିବାକୁ ଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବିଏମ୍‌ସିର ୩ଜୋନ୍‌ରେ ୩ଟି ଗାଡ଼ି ରହିବ। ପରେ ଗାଡ଼ି ସଂଖ୍ୟାକୁ ବୃଦ୍ଧି କରାଯିବ। ନିର୍ମାଣ ଏବଂ ଭଙ୍ଗା (ସିଆଣ୍ଡଡି) ବର୍ଜ୍ୟ ଯଥା ଭଙ୍ଗା ଇଟା, ପଥର, ଟାଇଲ୍, ଗୋଡ଼ି କିମ୍ବା ସିମେଣ୍ଟଜାତ ବର୍ଜ୍ୟ ବାହାରିଲେ ଲୋକେ 'ସଫା' ଆପ୍ ମାଧ୍ୟମରେ ଏହି ଗାଡ଼ିକୁ ବୁକ୍ କରିବେ। ବିଏମ୍‌ସି ଗାଡ଼ି ଆସି ଘର ପାଖରୁ ନିର୍ମାଣ ବର୍ଜ୍ୟ ଉଠାଇ ନେବ। ପରେ ଏହାକୁ ନିକଟସ୍ଥ ଲ୍ୟାଣ୍ଡ ଫିଲ୍ ସାଇଟ୍‌ରେ ପୋଡ଼ାଯିବ।

### ପ୍ରତ୍ୟେକ ୱାର୍ଡକୁ ମିଳିବ ସ୍ୱତନ୍ତ୍ର ଗାଡ଼ି

ଏହି ଗାଡ଼ିଗୁଡ଼ିକୁ ମେୟର୍ ସୁଲୋଚନା ଦାସ ଖୁବ୍‌ଶୀଘ୍ର ଉଦ୍‌ଘାଟନ କରିବାକୁ ଯାଉଛନ୍ତି। ଏହାର ପରିଚାଳନା ଦାୟିତ୍ୱ ଠିକା ସଂସ୍ଥା ହାତରେ ରହିବ।

ସୂଚନାଯୋଗ୍ୟ, ଲୋକେ ଯେଉଁଠି ପାରୁଛନ୍ତି ସେଠି ନିର୍ମାଣ ବର୍ଜ୍ୟ ଫୋପାଡ଼ି ଦେଉଛନ୍ତି। ସହରସାରା ପଡ଼ିରହୁଛି ନିର୍ମାଣ ବର୍ଜ୍ୟ। ଏହାର ପରିଚାଳନା ବିଏମ୍‌ସି ପାଇଁ ଏକ ବଡ଼ ଚାଲେଞ୍ଜ ପାଲଟିଛି। ପୂର୍ବରୁ ଏହାକୁ ରୋକିବାକୁ ଜରିମାନା କାଟିବା ହିଁ ବିଏମ୍‌ସି ପକ୍ଷରେ ଏକ ମାତ୍ର ଉପାୟ ଥିଲା। ହେଲେ ବ୍ୟବସ୍ଥା ନ କରି ଜରିମାନା ଆଦାୟ କରିବାରୁ ବିଏମ୍‌ସି ଏବଂ ଲୋକଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା। କିଛି ଲୋକଙ୍କ କହିବା ଅନୁଯାୟୀ, ନିର୍ମାଣ ବର୍ଜ୍ୟ ଉଠାଇବାକୁ ଅଧିକାଂଶ ଗାଡ଼ି ମାଲିକ ରାଜି ହେଉନାହାନ୍ତି। ତେଣୁ ଦିନ ଦିନ ଧରି ଏହା ଘର ସାମ୍ନାରେ ପଡ଼ି ରହୁଛି। ସେପଟେ ବିଏମ୍‌ସି ଟିମ୍ ଆସି ଫାଇନ୍ ଆଦାୟ କରୁଛି। ନିର୍ମାଣ ବର୍ଜ୍ୟ ବହୁଦିନ ପଡ଼ି ରହିବା ଦ୍ୱାରା ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବା ସହ ବାୟୁ ପ୍ରଦୂଷଣ ହେଉଛି। ରାସ୍ତାରେ ଦୁର୍ଘଟଣା ଘଟୁଛି ଏବଂ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ନିର୍ମାଣ ବର୍ଜ୍ୟ ପରିଚାଳନା ନିୟମ ଅନୁଯାୟୀ ନିର୍ମାଣ ବର୍ଜ୍ୟ ପରିଚାଳନା ବେଳେ ମହାନଗର ନିଗମ ଗାଡ଼ି ଯୋଗାଇ ଦେବା ଆବଶ୍ୟକ। ହେଲେ ବିଏମ୍‌ସି ପାଖରେ ଏପର୍ଯ୍ୟନ୍ତ ଗୋଟିଏ ବି ଗାଡ଼ି ନାହିଁ। ଲୋକେ ନିଜ ଉଦ୍ୟମରେ ଏଭଳି ବର୍ଜ୍ୟକୁ ନେଇ ଲ୍ୟାଣ୍ଡଫିଲ୍ ଅଞ୍ଚଳରେ ଫୋପାଡୁଥିଲେ। ଏକ ବ୍ୟବସ୍ଥିତ ଢଙ୍ଗରେ ଏହାର ପରିଚାଳନା ହୋଇପାରୁ ନ ଥିଲା। ପ୍ରତ୍ୟେକ ଜୋନ୍‌ରେ ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା, ବୁକିଂ ମାଧ୍ୟରେ ବର୍ଜ୍ୟ ଉଠାଣ କରିବା ସହ ବ୍ୟବସ୍ଥିତ ଭାବେ ସିଆଣ୍ଡଡି ବର୍ଜ୍ୟ ପରିଚାଳନା ହେଲେ ଏଭଳି ସମସ୍ୟା ଦୂର ହୋଇପାରିବ ବୋଲି ଆଶା କରାଯାଉଛି।

# ଚିନ୍ତା ବଢ଼ାଇଲାଣି ଆପାର୍ଟମେଣ୍ଟ ପାର୍କିଂ

**ଭୁବନେଶ୍ୱର, ୧୭।୧(ସମିସ):**

- ଟୋଇଂ ପାଇଁ ବିଏମ୍‌ସିକୁ ମିଳୁନି ସଂସ୍ଥା
- ବାରମ୍ବାର ଟେଣ୍ଡର୍ ଡାକୁଛି ବିଏମ୍‌ସି
- ପ୍ରଥମଥର ଆବେଦନ କଲେନି କୌଣସି ସଂସ୍ଥା
- ଦ୍ୱିତୀୟ ଟେଣ୍ଡରରେ ଏକମାତ୍ର ଆବେଦନ

ଯେକୌଣସି ଲୋକଙ୍କ ମନରେ ରହିଛି ସହରର ସବୁଠାରୁ ବ୍ୟବସ୍ଥିତ ବସବାସ ବ୍ୟବସ୍ଥା ହେଉଛି ଆପାର୍ଟମେଣ୍ଟ ରହଣି। ଗାଡ଼ି ପାର୍କିଂ, ନିଜସ୍ୱ ଡ୍ରେନେଜ୍ ବ୍ୟବସ୍ଥା, ମନ୍ଦିର, କମ୍ୟୁନିଟି ହଲ ଠାରୁ ଆରମ୍ଭ କରି ବିଭିନ୍ନ ସେବା ହାତ ପାହାନ୍ତାରେ ପାଇଥାନ୍ତି। ସ୍ଥାନୀୟ ଲୋକଙ୍କ ଉପରେ ଅପେକ୍ଷାକୃତ କମ୍ ନିର୍ଭରଶୀଳତା ଯୋଗୁଁ ବିବାଦ ମଧ୍ୟ ହୋଇ ନ ଥାଏ। ଏଥିପାଇଁ କୌଣସି ଅଞ୍ଚଳରେ ଆପାର୍ଟମେଣ୍ଟ ନିର୍ମାଣ ହେଲେ ଅଞ୍ଚଳବାସୀ ବ୍ୟବସାୟିକ ଅଭିବୃଦ୍ଧି ଏବଂ ଉକ୍ତ ଅଞ୍ଚଳକୁ ସ୍ୱତନ୍ତ୍ର ପରିଚୟ ମିଳିବା ଆଶାରେ ସ୍ଥାନୀୟ ଲୋକେ ଖୁସି ଅନୁଭବ କରୁଥିଲେ। ହେଲେ ରାଜଧାନୀର ଅନେକଗୁଡ଼ିଏ ଆପାର୍ଟମେଣ୍ଟ ଏବେ ସ୍ଥାନୀୟ ଲୋକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଆପାର୍ଟମେଣ୍ଟବାସୀଙ୍କ ଦ୍ୱାରା ଆପାର୍ଟମେଣ୍ଟ ରାସ୍ତା ସାମ୍ନାରେ ବେଆଇନ୍ ପାର୍କିଂ କରାଯାଉଛି। ନିଜର ପାର୍କିଂ ବ୍ୟବସ୍ଥା ଥାଇ ମଧ୍ୟ ଏମାନେ ଆପାର୍ଟମେଣ୍ଟ ବାହାରେ ଗାଡ଼ି ପାର୍କିଂ କରୁଛନ୍ତି। ବହୁ ସଂଖ୍ୟାରେ ଗାଡ଼ି ଦିନ ଦିନ ଧରି ପାର୍କିଂ ହୋଇରହୁଛି। ଏଥିପାଇଁ ଘରୁ ବାହାରିଲା ବେଳକୁ ଆପାର୍ଟମେଣ୍ଟ ଆଗରେ ଜାମ୍ ହୋଇଯାଉଛି। ଏଠାରେ ଗୁରୁତର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଅନେକ ସମୟରେ ଦୀର୍ଘ ସମୟ ରାସ୍ତା ଜାମ୍ ହେବା ପରେ ସିକ୍ୟୁରିଟି ଗାର୍ଡ ବାହାରକୁ ଆସି ଗାଡ଼ି ହଟାଉଛି। ଅପରପକ୍ଷେ ବେଆଇନ୍ ପାର୍କିଂ କରୁଥିଲେ ଘରୋଇ ସଂସ୍ଥା ମାଧ୍ୟମରେ ଗାଡ଼ି ଟୋଇଂ କରାଯିବ ବୋଲି ବିଏମ୍‌ସି ଘୋଷଣା କରିଥିଲା। ହେଲେ ବିଏମ୍‌ସିକୁ ଏପର୍ଯ୍ୟନ୍ତ ଟୋଇଂ କରୁଥିବା ସଂସ୍ଥା ମିଳୁନାହିଁ। ପ୍ରଥମ ଟେଣ୍ଡର୍ ଖାରଜ ହୋଇଯାଇଥିଲା ବେଳେ ଦ୍ୱିତୀୟ ଟେଣ୍ଡରରେ ଗୋଟିଏ ସଂସ୍ଥା ଆବେଦନ କରିଛି।

ରାଜଧାନୀର ନୂଆପଲ୍ଲୀ ଏକାମ୍ରକାନନ ନିକଟରେ ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ ରହିଛି। ଏହି ଆପାର୍ଟମେଣ୍ଟ ଭିତରେ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ରହିଛି। ହେଲେ ଆପାର୍ଟମେଣ୍ଟବାସୀ ନିଜ କ୍ୟାମ୍ପସ୍ ଗାଡ଼ି ନ ରଖି ରାସ୍ତାରେ ଗାଡ଼ି ରଖୁଛନ୍ତି। ଯାହା ସ୍ଥାନୀୟ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଲାଣି। ବେଆଇନ୍ ପାର୍କିଂ ଦ୍ୱାରା ସ୍ଥାନୀୟ ଲୋକେ ନାନା ହଇରାଣ ହରକତ ହେଉଛନ୍ତି ଓ ଦୁର୍ଘଟଣାର ଶିକାର ହେଉଛନ୍ତି। ଜୟଦେବ ବିହାରସ୍ଥିତ ସିପିଏମ୍ କାର୍ଯ୍ୟାଳୟ ନିକଟରେ ୨ଟି ଆପାର୍ଟମେଣ୍ଟ ରହିଛି। ଏହା ସାମ୍ନାରେ ସାମାନ ଅବସ୍ଥା ଦେଖା ଦେଇଛି। ଗାଡ଼ିଗୁଡ଼ିକ ବାହାରେ ଛିଡ଼ା ହେବା ଦ୍ୱାରା ରାସ୍ତା ସଙ୍କୁଚିତ ହୋଇଯାଉଛି ଓ ଏହିକାରଣରୁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି। ସହର ଭିତରେ ଥିବା ଅଧିକାଂଶ ଆପାର୍ଟମେଣ୍ଟର ବାସିନ୍ଦାଙ୍କ ଏଭଳି କାର୍ଯ୍ୟକଳାପ ଯୋଗୁଁ ସ୍ଥାନୀୟଲୋକ ଅତିଷ୍ଠ ହୋଇପଡ଼ିଲେଣି। ଏମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଦାବି କରାଯାଉଛି। ଅନ୍ୟପକ୍ଷରେ ଆପାର୍ଟମେଣ୍ଟ ପାର୍କିଂରେ ଗାଡ଼ି ରଖିବା ଓ ବାହାର କରିବା ସମୟସାପେକ୍ଷ ହେଉଥିବାରୁ ବାହାରେ ଗାଡ଼ି ରଖୁଛନ୍ତି ବୋଲି କିଛି ବାସିନ୍ଦା କହିଛନ୍ତି। ସେହିପରି ଏଠାରେ ରହୁଥିବା ଅନେକ ଲୋକ ନିଜ ପାର୍କିଂସ୍ଥାନ ଠାରୁ ଅଧିକ ଗାଡ଼ି କିଣିଛନ୍ତି। ଜାଗା ନ ହେବାରୁ ବାହାରେ ପାର୍କିଂ କରିଦେଉଛନ୍ତି।

ବେଆଇନ୍ ପାର୍କିଂ କରୁଥିଲେ ମଧ୍ୟ ସ୍ଥାନୀୟ ଲୋକ ପାଟିଫିଟାଇଲେ ନାଲିଆଖି ଦେଖାଉଥିବା ଅଭିଯୋଗ ହେଉଛି। କାର୍ଯ୍ୟାନୁଷ୍ଠାନ ନେବାକୁ ପୁଲିସ ଇଚ୍ଛା ପ୍ରକାଶ କରୁନାହିଁ। ଗୁରୁତ୍ୱପୂର୍ଣ୍ଣ ସ୍ଥାନ କିମ୍ବା ଅଭିଯୋଗ ନ ଆସିଲେ ପୁଲିସ ଏଥିରେ ହସ୍ତକ୍ଷେପ କରୁନାହିଁ। ସେପଟେ ବିଏମ୍‌ସି ସ୍ଥାଣୁତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।







# ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ଆରମ୍ଭ



**ଭୁବନେଶ୍ୱର, ୧୭।୧(ସମିସ):** ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ତିନିଦିନ ଧରି ଚାଲିବ। ଦଶମ ଶତାବ୍ଦୀରେ ନିର୍ମିତ କାରୁକାର୍ଯ୍ୟପୂର୍ଣ୍ଣ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ଦେଶବିଦେଶର ନୃତ୍ୟଶିଳ୍ପୀମାନେ ଯୋଗଦେବେ। ଏକକ, ଦ୍ୱୈତ୍ୟ ଓ ଦଳଗତ ନୃତ୍ୟକୁ ଗୋଟିଏ ମଞ୍ଚରେ ପ୍ରଦର୍ଶନ କରିବେ କଳାକାର। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିଭାବେ ଭିନ୍ନକ୍ଷମ, ସାମାଜିକ ସୁରକ୍ଷା, ସଶକ୍ତୀକରଣ, ସରକାରୀ ଉଦ୍ୟୋଗ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଓଡ଼ିଶାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନ୍, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାୟ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଭାପତି ଗୁରୁ ଅରୁଣା

## ଯୋଗଦେବେ ଦେଶ ବିଦେଶର ନୃତ୍ୟଶିଳ୍ପୀ

ମହାନ୍ତି ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ ଯୋଗଦେଇଥିଲେ। ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଶିବ ବନ୍ଦନାରୁ। ଯାହାକୁ ପରିବେଷଣ କରିଥିଲେ ପ୍ରଦୀପ କୁମାର ଦାସ ଓ ସାଥୀ। ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା ନୂଆଦିଲ୍ଲୀରୁ ଆସିଥିବା ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଶିଳ୍ପୀ କବିତା ଦ୍ୱିବେଦୀଙ୍କ ଦ୍ୱାରା ଏକକ ନୃତ୍ୟ ପରିବେଷଣ। ତାଙ୍କର ପରିବେଷଣରେ ଥିଲା ଅଭିଶପ୍ତା କେତକୀ ଯାହାର ସଙ୍ଗୀତ ସଂଯୋଜନା ଲକ୍ଷ୍ମୀକାନ୍ତ ପାଲିତ୍ ଓ ନୃତ୍ୟ ସଂରଚନା ନିଜେ କବିତା ଦ୍ୱିବେଦୀ କରିଥିଲେ। ପରେ ପରେ ଯୁଗ୍ମ ନୃତ୍ୟ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରୁ ଆସିଥିବା ଶୋଭା ବିସିତ୍ ଓ ଦୀପିକା ବିସିତ୍‌ଙ୍କ ଦ୍ୱାରା ପ୍ରଥମେ ଶିବଙ୍କ ଉପରେ ନିବଦ୍ଧ ନଟରାଜ ପରିବେଷଣ କରିଥିଲେ। ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ମାଧବୀ ମୁଦ୍‌ଗଲ୍। ପରେ ପରେ କାଳୀଦାସଙ୍କ ରଚିତ ଅଭିନୟ ବସନ୍ତ ପରିବେଷଣ କରିଥିଲେ। ତାଙ୍କର ଅନ୍ତିମ ଅର୍ଘ୍ୟରେ ଥିଲା ପଲ୍ଲବୀ। ଯାହା ରାଗ ଗୁଣ୍ଡକେମର ଓ ତାଳ ତ୍ରିପଟା ଉପରେ ନିବଦ୍ଧ ଥିଲା। ଶେଷ କାର୍ଯ୍ୟକ୍ରମ ଥିଲା ବେଙ୍ଗାଲୁରୁରୁ ଆସିଥିବା ମଧୁଲିତା ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ନୃତ୍ୟାନ୍ତର ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ନୃତ୍ୟ। ସେମାନେ ପ୍ରଥମେ ଈଶ୍ୱରୀ ଓ ପରେ ପରେ ମହ୍ଲାର ପଲ୍ଲବୀ ପରିବେଷଣ କରିଥିଲେ। ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ମଧୁଲିତା ମହାପାତ୍ର। ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ଆଲାମ୍ ଏହାର ସଂଯୋଜନା କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଅଧିକାରୀବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ନୃତ୍ୟ ଉତ୍ସବର ସିଧା ପ୍ରସାରଣ ଦୂରଦର୍ଶନ କେନ୍ଦ୍ରର ଡି ଡି ଭାରତୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ କରାଯାଉଛି।





# ଖାରବେଳ ପାର୍କରେ ଇ-ଶୌଚାଳୟ ଅଚଳ

**ଭୁବନେଶ୍ୱର, ୧୭।୧(ସମିସ):** ସହରକୁ ସ୍ୱଚ୍ଛ ପରିଷ୍କାର ରଖିବାକୁ ବିଏମ୍‌ସି ପକ୍ଷରୁ ବିଭିନ୍ନ ପାର୍କରେ ଇ-ଶୌଚାଳୟ ସ୍ଥାପନ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏହି ଶୌଚାଳୟ ମାସ ମାସ ଓ ଅନେକ ପାର୍କରେ ଅଚଳ ହୋଇ ପଡ଼ିଛି। ଏଭଳି ଦେଖିବାକୁ ମିଳିଛି ଖଣ୍ଡଗିରିସ୍ଥିତ ଖାରବେଳ ପାର୍କରେ। ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର-୪୯ ଅଧୀନରେ ରହିଛି ଏହି ପାର୍କ। ୨୦୦୧ ମସିହାରେ ଏହି ପାର୍କ ଉଦ୍‌ଘାଟନ ହୋଇଥିବା ବେଳେ ଏବେବି ପୁନରୁଦ୍ଧାର କାର୍ଯ୍ୟ ଚାଲୁ ରହିଛି। ବିଡିଏ ଅଧୀନରେ ରହିଥିବା ଏହି ପାର୍କ ପ୍ରାୟ ୪ ଏକର ପରିମିତ ସ୍ଥାନରେ ରହିଛି। ଏଠାକୁ ଖଣ୍ଡଗିରି ଗାଁ କୋଳଥିଆ ଗାଁ, ତପୋବନ ଅଞ୍ଚଳ, ଜିଏ କ୍ୱାର୍ଟର୍ସ, ବିଡିଏ କଲୋନୀ ଆଦି ଆଖପାଖ ଅଞ୍ଚଳ ଲୋକମାନେ ନିୟମିତ ଆସିଥାନ୍ତି। ଏହାସହ ଖଣ୍ଡଗିରି ଓ ଉଦୟଗିରିକୁ ଆସୁଥିବା ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ମଧ୍ୟ ଏହି ପାର୍କକୁ ବୁଲିବାକୁ ଆସିଥାନ୍ତି। ପର୍ଯ୍ୟଟକ ଓ ଲୋକଙ୍କ ସୁବିଧା ପାଇଁ ୨୦୨୦ ମସିହାରେ ବିଏମ୍‌ସି ପକ୍ଷରୁ ଏଠାରେ ଦୁଇଟି ଇ-ଶୌଚାଳୟ ସ୍ଥାପନ କରାଯାଇଥିଲା। କିନ୍ତୁ ଦିନ କେଇଟା ପରେ ଗୋଟିଏ ଅଚଳ ହୋଇପଡ଼ିଛି। ତେବେ ପାର୍କରେ ମଧ୍ୟରେ ରହିଥିବା ଏକମାତ୍ର ଶୌଚାଳୟ ଉପରେ ସମସ୍ତେ ନିର୍ଭର କରୁଛନ୍ତି। ଏହି ଅତ୍ୟାଧୁନିକ ଶୌଚାଳୟକୁ ମରାମତି କରାଯିବାକୁ ସ୍ଥାନୀୟ ଲୋକେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ମରାମତି ହେଉ ନ ଥିବା ଅଭିଯୋଗ ହୋ-ଶୌଚ କରିବାକୁ ହନ୍ତସନ୍ତ ପର୍ଯ୍ୟଟକଇଛି। ଏଠାରେ ପଢ଼ାପଢ଼ି କରୁଥିବା ଛାତ୍ରଛାତ୍ରୀମାନେ ଶୌଚାଳୟ ବ୍ୟବହାର କରିବାକୁ ୩୦୦ରୁ ୪୦୦ମିଟର ଚାଲିବାକୁ ପଡୁଛି। ପାର୍କର ସୁରକ୍ଷାକର୍ମୀଙ୍କ କହିବା ଅନୁସାରେ ଏହି ଶୌଚାଳୟଟି ଖରାପ ଥିବାରୁ ପାର୍କରେ ଯେଉଁ ଶୌଚାଳୟ ରହିଛି ତାହାକୁ ସମସ୍ତେ ବ୍ୟବହାର କରୁଛନ୍ତି। ଭିଡ଼ ସମୟରେ ଟିକେ ଅପେକ୍ଷା କରିବାକୁ ପଡୁଛି। ଏନେଇ ୱାର୍ଡର କର୍ପୋରେଟର ସଂଯୁକ୍ତା ସୁନ୍ଦରରାୟ କହିଛନ୍ତି ଯେ, ପାର୍କଟି ବିଡିଏ ଅଧୀନରେ ରହିଥିବା ବେଳେ ପାର୍କ ପରିସରରେ ବିଏମ୍‌ସି ପକ୍ଷରୁ ଇ-ଶୌଚାଳୟ ସ୍ଥାପନ କରାଯାଇଥିଲା। ତେଣୁ ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯାଇ ଖୁବ୍‌ଶିଘ୍ର ମରାମତି କରାଯିବ ବୋଲି ସେ କହିଛନ୍ତି।

# ଜାତୀୟ ଷ୍ଟାର୍ଟଅପ୍ ଦିବସରେ କର୍ମଶାଳା



**ଭୁବନେଶ୍ୱର, ୧୭।୧(ସମିସ):** ଜାତୀୟ ଷ୍ଟାର୍ଟ-ଅପ୍ ଦିବସ ଅବସରରେ ପଟିଆସ୍ଥିତ ସିପେଟ-ଏଲ୍‌ଏଆର୍‌ପିଏମ୍ ପକ୍ଷରୁ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ିଙ୍କ ମଧ୍ୟରେ ନୂତନ ଜ୍ଞାନର ଆଦାନପ୍ରଦାନ, ଦକ୍ଷତା ବିକାଶ କରିବା ଓ ପୁଞ୍ଜି ନିବେଶ ଉପରେ ବିସ୍ତୃତ ଆଲୋଚନା ହୋଇଛି। କାର୍ଯ୍ୟକ୍ରମରେ ବକ୍ତାଭାବେ ବିଭିନ୍ନ ବିଭାଗରୁ ୬ ଜଣ ଯୋଗଦେଇଥିଲେ। ରାକେଶ ଗୁପ୍ତା, ଡ. କମଲେଶ ମିଶ୍ର, ସୋନି ସାମଲ, ରାଜନ ପ୍ରଧାନ, ପରିତୋଷ ଆନନ୍ଦ ଓ ସନ୍ତୋଷ ଦାଶ, ଏସ୍‌କେ ମୁଜୀବ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋକପାତ କରିଛନ୍ତି। ଏହାସହ ନିଜର ଅଭିଜ୍ଞତା ଓ ଅନୁଭୂତି ବ୍ୟକ୍ତ କରିଛନ୍ତି। ସିପେଟ-ଏଲ୍‌ଏଆର୍‌ପିଏମ୍‌ର ନିର୍ଦ୍ଦେଶିକା ଡ. ସ୍ମିତା ମହାନ୍ତିଙ୍କ ନେତୃତ୍ୱରେ ଅନପଷ୍ଠିତ ଏହି କାର୍ଯ୍ୟକ୍ରମରେ କନିଷ୍ଠ ବୈଜ୍ଞାନିକ ଡ. ଅକ୍ଷୟ ପଲାଇ, ଡ. ସରଭାନ କୁମାର, ମାନବ ସମ୍ବଳ ଅଧିକାରୀ ଧିରଜ ଭଗବତୀ, ତ୍ରିଲୋଚନ ପରିଡ଼ା, ରିତିକା ଦାସ ବେହେରା ଓ ସନ୍ତୋଷ କୁମାର ରଥ ସହଯୋଗ କରିଥିଲେ। ଏଥିରେ ୧୫୦ରୁ ଅଧିକ ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ

**ଭୁବନେଶ୍ୱର, ୧୭।୧(ସମିସ):** କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀଙ୍କ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ଡ. ଚିତ୍ତରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାଠପଢ଼ା ସହିତ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଡ. ମିଶ୍ର ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କୁ ମୋବାଇଲ୍ ଠାରୁ ଦୂରେଇ ଶିକ୍ଷାମନସ୍କ ହେବାକୁ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତ ଅଭିଭାବକ ନିଜ ପିଲାଙ୍କ ପାଠପଢ଼ା ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ସୁଚିନ୍ତିତ ମତାମତ ଦେଇଛନ୍ତି। ସମସ୍ତ ସକାରାତ୍ମକ ମତାମତକୁ ପରିଚାଳନା କମିଟି ମଧ୍ୟ ଗ୍ରହଣ କରିଛି। ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଅଭିଭାବକଙ୍କୁ ସ୍ୱାଗତ କରିବା ସହ ବିଦ୍ୟାଳୟର ଶୃଙ୍ଖଳା ଓ ପାଠପଢ଼ା ସମ୍ପର୍କରେ ଅବଗତ କରିଥିଲେ। ଏହା ଏକ ସମ୍ପୂର୍ଣ୍ଣ ଆବାସିକ ବିଦ୍ୟାଳୟ ହୋଇଥିବାରୁ ହଷ୍ଟେଲରେ ପିଲାଙ୍କ ସମସ୍ତ ପ୍ରକାର ଦାୟିତ୍ୱ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ରୁଦ୍ର ମୋହନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।




# ଓଡ଼ିଶାରୁ ରାମଲାଲାଙ୍କ ପାଇଁ ଗଲା ଅହିଂସା ସିଲ୍କ ଖଣ୍ଡୁଆ ପାଟ

**ଭୁବନେଶ୍ୱର, ୧୭।୧(ସମିସ):** ଅଯୋଧ୍ୟାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ଓଡ଼ିଶାରୁ ପଠାଯିବ ଅହିଂସା ସିଲ୍କ ଖଣ୍ଡୁଆ ପାଟ ବସ୍ତ୍ର। ବ୍ରତ ଓ ବିଧି ପୂର୍ବକ କଟକ ନୂଆପାଟଣାର ଶିଳ୍ପୀ ଏହି ପାଟବସ୍ତ୍ର ପ୍ରସ୍ତୁତ କରିଛନ୍ତି। ମୁଖ୍ୟ କାରିଗର ଅର୍ଜୁନ ପାଲଙ୍କ ନେତୃତ୍ୱରେ ୧୧ ଜଣ କାରିଗର ୧୫ ଦିନ ଧରି ଏହାକୁ ତିଆରି କରିଛନ୍ତି। ନୂଆପାଟଣାସ୍ଥିତ ଶ୍ରୀରାମ ମନ୍ଦିରରେ ପାଟବସ୍ତ୍ରକୁ ପୂଜାର୍ଚ୍ଚନା କରାଯାଇ ଭୁବନେଶ୍ୱର ରାମ ମନ୍ଦିରକୁ ଅଣାଯାଇଛି। ଭୁବନେଶ୍ୱରସ୍ଥିତ ରାମ ମନ୍ଦିରର ମୁଖ୍ୟ ପୂଜକଙ୍କ ଦ୍ୱାରା ଭଗବାନ ଶ୍ରୀରାମଙ୍କ ପାଖରେ ପୂଜା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏହି ଯାତ୍ରାର ଶୁଭାରମ୍ଭ ସମୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ପଦ ଗୋସ୍ୱାମୀ, ପ୍ରାନ୍ତ କାର୍ଯ୍ୟବାହ ଡ.ଅନୀଲ କୁମାର ମିଶ୍ର, ସହ ପ୍ରାନ୍ତ କାର୍ଯ୍ୟବାହ ଇଂ. ସୁଦର୍ଶନ ଦାସ, ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଅଭିଯାନର କଟକ ଜିଲ୍ଲା ପ୍ରମୁଖ ବିନୟ କୁମାର ଭୂୟାଁ, ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସଭାପତି ପବିତ୍ର ସ୍ୱାଇଁ, ପରୀକ୍ଷିତ ବେହେରା ଓ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଉଦୟନାଥ କଲେଜ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ବାଲିଅନ୍ତା, ୧୭।୧(ସମିସ):** କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ଅଡ଼ଶପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ୨୦୧୦ରୁ ୨୦୧୫ ଗ୍ଲୋରିୟସ ଗ୍ରୁପ୍‌ର ବନ୍ଧୁମିଳନ ମଙ୍ଗଳବାର ଜୟଦେବ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ବନ୍ଧୁମିଳନରେ ପ୍ରଫେସର ମାଗୁଣି ପରିଡ଼ା, ପ୍ରଫେସର ପ୍ରସାଦ କାନୁନ୍‌ଗୋ, ପ୍ରଫେସର ମାଧବ ସାହୁ, ପ୍ରଫେସର ଶ୍ରୀକାନ୍ତ ମହାପାତ୍ର, ପ୍ରଫେସର ସୁଜାତା ମିଶ୍ର, ପ୍ରଫେସର ସ୍ମରଣିକା ମାନସିଂହ ପ୍ରମୁଖ ଯୋଗ ଦେଇଥିଲେ।

# ଅଗ୍ନିସୁରକ୍ଷା ଓ ସଚେତନତା ନେଇ ପଥପ୍ରାନ୍ତ ନାଟକ

**ଭୁବନେଶ୍ୱର, ୧୭।୧(ସମିସ):** ୧୬ରୁ ୨୦ ଜାନୁଆରୀ ପର୍ଯ୍ୟନ୍ତ ଓଡ଼ିଶା ସରକାର, ଭୁବନେଶ୍ୱର ମହାନଗର ନିଗମ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ 'କଳାକାର ଥିଏଟର୍', ଭୁବନେଶ୍ୱରର କଳାକାରମାନଙ୍କୁ ନେଇ ରାଜଧାନୀର ବିଭିନ୍ନ ପ୍ରାନ୍ତରେ ଅଗ୍ନି ସୁରକ୍ଷା ଓ ସଚେତନତା ଉପରେ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହେଉଛି। ଏହି ନାଟକ ଜରିଆରେ ଜନସାଧାରଣଙ୍କୁ ସଚେତନତାର ବାର୍ତ୍ତା ଦିଆଯାଉଛି। ଏଥିରେ କଳାକାର ଥିଏଟର୍ ନିର୍ଦ୍ଦେଶକ ହର ପ୍ରସାଦ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ନାଟକରେ ଦେବାଶିଷ, ସୌମ୍ୟ, ଶ୍ରୀଚନ୍ଦନ, ଆୟୁଷ, ମତ୍ୟୁଞ୍ଜୟ ଅଭିନୟ କରିଥିବାବେଳେ ଦୀପଙ୍କର ପରିଡ଼ା, ଚିତ୍ତରଞ୍ଜନ ପ୍ରଧାନ, ଦେବଜ୍ୟୋତି ପାହାରୀ ପ୍ରମୁଖ ବାଦ୍ୟଯନ୍ତ୍ର ତଥା ବୈଷୟିକ ସହାୟତା କରିଥିଲେ।

### କୃଷ୍ଣ ସିଂହଙ୍କ ଜନ୍ମୋତ୍ସବ

# ଦୁଇ ପୁସ୍ତକ ଲୋକାର୍ପିତ



**ଭୁବନେଶ୍ୱର, ୧୭।୧(ସମିସ):** ବର୍ଷୀୟାନ୍ ଭୂଦାନ ଓ ସର୍ବୋଦୟ ନେତା, କବି, ଶିକ୍ଷାବିତ୍ ଏବଂ ସମାଜସେବୀ କୃଷ୍ଣ ସିଂହଙ୍କ ୮୬ତମ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ସ୍ମାରକ ନିଧିର ସଭାପତି କ୍ରୀଷ୍ଣା ମହାନ୍ତିଙ୍କ ପୌରାହିତ୍ୟରେ ବୁଧବାର ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କବି ଓ ଚିନ୍ତକ ହରପ୍ରସାଦ ଦାସ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ କବି ଶୈଳଜ ରବି, ସମ୍ମାନିତ ଅତିଥି ଭାବେ ନାଟ୍ୟକାର ତଥା ସାହିତ୍ୟିକ ରମେଶ ଚନ୍ଦ୍ର ଦାସ, ଗାଳ୍ପିକା ତଥା ଔପନାସିକା ଡ. ବାସନ୍ତୀ ମହାନ୍ତି, କଥାକାର ତଥା ଔପନାସିକ କୃପାସାଗର ସାହୁ, କବି ତଥା ପ୍ରାବନ୍ଧିକ ଡ. ଅଶୋକ ମହାନ୍ତି ପ୍ରମୁଖ ଯୋଗଦେଇ 'କୃଷ୍ଣ ସିଂହଙ୍କ କାବ୍ୟରେ କରୁଣାର କାରୁକାର୍ଯ୍ୟ' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଡ. ବାସନ୍ତୀ ମହାନ୍ତିଙ୍କ ଲିଖିତ ପୁସ୍ତକ 'କ୍ରାନ୍ତଦର୍ଶୀ କୃଷ୍ଣ ସିଂହ' ଓ କୃପା ସାଗର ସାହୁଙ୍କ ଶ୍ରେଷ୍ଠ ଗଳ୍ପ 'ଚର୍ଚ୍ଚିତ ୫୦' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ନିରାକାର ଦାସ, ଉପସଭାପତି ଡ. ଝାନସୀ ସିଂହ, ସମ୍ପାଦିକା ଅବନ୍ତୀ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବର୍ଷ ଆରମ୍ଭରୁ ଉତ୍ସବମୁଖର ରାଜଧାନୀ

- ରବିବାର ପଥ ଉତ୍ସବରେ ଝୁମୁଛନ୍ତି ସହରବାସୀ
- ଜାନୁଆରୀ ୨୬ରୁ ୧୧ଦିନିଆ ଆଦିବାସୀ ମେଳା
- ଫେବ୍ରୁଆରୀ ୩ରୁ ବିଡିଏ ପକ୍ଷରୁ 'ଏକାମ୍ର ଉତ୍ସବ'

**ଭୁବନେଶ୍ୱର, ୧୭।୧(ସମିସ):** ଚଳିତବର୍ଷ ଆରମ୍ଭରୁ ଉତ୍ସବମୁଖର ହେଉଛି ରାଜଧାନୀ। ମେଳା ମହୋତ୍ସବ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ମସ୍‌ଗୁଲ ହେଉଛନ୍ତି ରାଜଧାନୀବାସୀ। ଗୋଟିଏ ମଞ୍ଚରେ କଳାକାର, କାରିଗର ଏବଂ ଶିଳ୍ପୀଙ୍କ ମହାସମାଗମ ଦେଖିବାକୁ ମିଳୁଛି। ଯେଉଁଠି କାରିଗରମାନେ ନିଜ ହସ୍ତଶିଳ୍ପ ସାମଗ୍ରୀର ବିକ୍ରିବଟା କରିବାର ସୁଯୋଗ ପାଉଛନ୍ତି ତ ସହରବାସୀଙ୍କ ହାତ ପାହାନ୍ତାରେ ପହଞ୍ଚାଉଛନ୍ତି ଜଙ୍ଗଲଜାତ ସାମଗ୍ରୀ। ତା' ସାଙ୍ଗକୁ ସୂର୍ଯ୍ୟୋଦୟରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଉଛନ୍ତି ରାଜଧାନୀବାସୀ।

ଚଳିତବର୍ଷ ଜାନୁଆରୀ ପ୍ରଥମ ସପ୍ତାହରୁ ଆରମ୍ଭ ହୋଇଛି 'ପଥ ଉତ୍ସବ'। ରାଜଧାନୀ ରାସ୍ତାରେ ରବିବାରିଆ ଶୀତୁଆ ସକାଳରେ ପିଲାଠାରୁ ବୟସ୍କଙ୍କ ହେଉଛି ଅପୂର୍ବ ସମାଗମ। ନାଚଗୀତ ସାଙ୍ଗକୁ ବ୍ୟସ୍ତବହୁଳ ଜୀବନ ଭିତରୁ ବି ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରୁଛନ୍ତି ଲୋକେ। ସେହିପରି ଡିସେମ୍ବର ୨୯ତାରିଖରେ ରାଜ୍ୟ ସଂଗ୍ରହାଳୟର ପ୍ରତିଷ୍ଠା ଦିବସ ଉପଲକ୍ଷେ ସାଜସଜ୍ଜା ଦେଖିବାକୁ ମ୍ୟୁଜିୟମକୁ ଏବେ ବି ଛୁଟୁଛନ୍ତି ପର୍ଯ୍ୟଟକ। ତେବେ ବର୍ଷର ଆରମ୍ଭ ନ ହେଉଣୁ ଜନତା ମଇଦାନରେ ଆରମ୍ଭ ହୋଇସାରିଥିଲା ଜାତୀୟ ତୋଷାଳି କ୍ରାଫ୍ଟ ମେଳା। ଯେଉଁଠାରେ କେବଳ ରାଜଧାନୀ ନୁହେଁ ବିଭିନ୍ନ ସ୍ଥାନରୁ ପ୍ରତିଦିନ ହଜାର ହଜାର ସଂଖ୍ୟାକ ପର୍ଯ୍ୟଟକଙ୍କ ସମାଗମ ହେଉଥିଲା। ପରେ ୬ତାରିଖରୁ ବରମୁଣ୍ଡା ପଡ଼ିଆରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନସ୍ଥ ଓରମାସ୍ ଦ୍ୱାରା 'ଶିଶିର ସରସ' ସାଙ୍ଗକୁ ଜନତା ମଇଦାନରେ ଆୟୋଜିତ ହୋଇଥିଲା 'କୃଷି ଓଡ଼ିଶା-୨୦୨୪'। ସେହିପରି ଜାନୁଆରୀ ୬ ତାରିଖରୁ ସର୍ବସାଧାରଣଙ୍କ ନିମନ୍ତେ ରାଜଭବନ ଉଦ୍ୟାନ ଖୋଲାଯାଇଥିବା ବେଳେ ଆଞ୍ଚଳିକ ଉଦ୍ଭିଦ ଗବେଷଣା କେନ୍ଦ୍ର ଓ ପ୍ଲାଣ୍ଟ ଲଭର୍ସ ଆସୋସିଏସନ୍ ମିଳିତ ଆନୁକୂଲ୍ୟରେ ଏକାମ୍ର କାନନରେ ଅନୁଷ୍ଠିତ ହୋଇଥିଲା ୨ଦିନିଆ ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ-୨୦୨୪। ଯେଉଁଠାରେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକମାନେ ବେଶ୍ ମଜା ନେଇଥିଲେ। ସେହିପରି ୧୭ ତାରିଖରୁ ୧୯ ତାରିଖ ୩ଦିନ ଧରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ହେବାକୁ ଯାଉଛି 'ମୁକ୍ତେଶ୍ୱର ନୃତ୍ୟ ଉତ୍ସବ-୨୦୨୪'। ଏହାସାଙ୍ଗକୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବସବାସ କରୁଥିବା ୬୨ଶ୍ରେଣୀର ଆଦିବାସୀ ବର୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ପ୍ରତିବର୍ଷ ରାଜଧାନୀରେ 'ଆଦିବାସୀ ମେଳା' ଆୟୋଜିତ ହେଉଛି। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ପୃଷ୍ଠପୋଷକତାରେ ଚଳିତବର୍ଷ ଜାନୁଆରୀ ୨୬ ତାରିଖରୁ ଫେବୃଆରୀ ୫ତାରିଖ ପର୍ଯ୍ୟନ୍ତ ୧୧ଦିନ ଧରି ୟୁନିଟ୍-୧ ଆଦିବାସୀ ପଡ଼ିଆରେ ଚାଲିବ ଏହି ମେଳା। ଜନଜାତିଙ୍କ ହସ୍ତଶିଳ୍ପ ଓ କାରିଗରୀ ସହ ଜଙ୍ଗଲଜାତ ଦ୍ରବ୍ୟ ହାତପାହାନ୍ତାରେ ପାଇବା ସହ ଜନଜାତିଙ୍କ କଳା, ସଂସ୍କୃତି ଓ ଜୀବନଚର୍ଯ୍ୟାକୁ ଅତି ନିକଟରୁ ଅନୁଭବ କରିବେ ସହରବାସୀ। ତେବେ ପ୍ରତିବର୍ଷ ରାଜଧାନୀରେ ଡିସେମ୍ବର ମାସରୁ ଫେବୃଆରୀ ଶେଷ ଯାଏ ବିଭିନ୍ନ ମେଳା ମହୋତ୍ସବରେ ମୁଖରିତ ହେଉଥିବାବେଳେ ଏଥର ଜାନୁଆରୀରେ ଅଧିକ ସଂଖ୍ୟାରେ ମେଳା ମହୋତ୍ସବ ଦେଖିବାକୁ ବାହାର ପର୍ଯ୍ୟଟକଙ୍କ ସୁଅ ଛୁଟିଥିଲା ରାଜଧାନୀକୁ। ସେହିପରି ଫେବୃଆରୀ ୩ରୁ ବିଡିଏ (ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ) ପକ୍ଷରୁ ଓଡ଼ିଆ ପରମ୍ପରା ଓ ସଂସ୍କୃତିକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହେବ 'ଏକାମ୍ର ଉତ୍ସବ'। ଏଥିମଧ୍ୟରେ ମୁଖ୍ୟ କାର୍ଯ୍ୟକ୍ରମ ଭୁବନ-ଇ-ସ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ବେଳେ 'ସିଟି କାର୍ନିଭାଲ' ଭୁବନେଶ୍ୱରର ବିଭିନ୍ନ ପ୍ରମୁଖ ରାସ୍ତାରେ ଆୟୋଜିତ ହେବା ସହ ଆକର୍ଷଣ ସାଜିବ ଖାଦ୍ୟ ମହୋତ୍ସବ। ସେହିପରି ଫେବ୍ରୁଆରୀ ୩ ତାରିଖରୁ ମଧ୍ୟ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ରାଜ୍ୟରେ ଏଭଳି ଏକ ବିଶ୍ୱସ୍ତରୀୟ ସମ୍ମିଳନୀର ଆୟୋଜନ ହେବାକୁ ଯାଉଥିବା ବେଳେ ଫେବୃଆରୀ ୧୬ ତାରିଖରୁ ଆରମ୍ଭ ହୋଇଯିବ ଖଣ୍ଡଗିରି-ଉଦୟଗିରି ପାହାଡ଼ ପାଦଦେଶରେ ମାଘ ମେଳା ଓ ୧୮ତାରିଖରୁ ଯାତ୍ରା। ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ସାଧୁସନ୍ଥଙ୍କ ମହାସମାଗମ ସହ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହେବ ଖଣ୍ଡଗିରି ଅଞ୍ଚଳ। ଏହାସାଙ୍ଗକୁ ବିଭିନ୍ନ ଯାତ୍ରା କମିଟି ପକ୍ଷରୁ ଯାତ୍ରା ପେଣ୍ଡାଲ ବି କମ୍ପିବ। କୋଳାହଳରେ ଫାଟିପଡ଼ିବ ଖଣ୍ଡଗିରି ପାହାଡ଼ ପାଦଦେଶ। ଯାହାକୁ ନେଇ କେବଳ ରାଜଧାନୀ ନୁହେଁ ବରଂ ସମସ୍ତଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଭରି ରହିଛି।






